**ମିଶନ ପଥରେ ମିଶନ ଶକ୍ତି**

# ଜିଆଖତ ଦେଖାଇଛି ରୋଜଗାରର ରାସ୍ତା

**ବଲାଙ୍ଗିର, ୨୮।୧୨(ସମିସ)**

ବର୍ତ୍ତମାନ ସମୟରେ ଜୈବିକ ଚାଷ ପ୍ରଣାଳୀ ଆପଣାଇବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ରସାୟନ ସାର ବଦଳରେ ଜୈବିକ ସାର, ଜିଆଖତ



ବ୍ୟବହାର କରିବାକୁ କୁହାଯାଉଥିବା ବେଳେ ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ଏହି ଜିଆଖତ ମହିଳାଙ୍କୁ ରୋଜଗାର ଦେଇଛି। ଜିଆଖତ ପ୍ରସ୍ତୁତ କରି ମହିଳାମାନେ ନିଜ ଜମିରେ ଏହାକୁ ବ୍ୟବହାର କରିବା ସହ ବଳକା ଖତକୁ ବନ ବିଭାଗ ପାଖରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହିଭଳି ଏକ ଏସଏଚଜି ହେଉଛନ୍ତି ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ନେଗିପାଲି ଗାଁର କସ୍ତୁରବା ସ୍ୱୟଂ ସହାୟକ ଗୋଷ୍ଠୀ। ମାତ୍ର କିଛି ମାସ ଭିତରେ ଏହି ଏସଏଚଜିର ମହିଳାମାନେ ଜିଆଖତ ବିକ୍ରି କରି ଲାଭବାନ ହୋଇପାରିଛନ୍ତି।

କିଛି ମାସ ପୂର୍ବରୁ ଏହା କେବଳ ଏକ ଗୋଷ୍ଠୀ ହୋଇରହିଥିଲା। ବର୍ତ୍ତମାନ ଏହି ଗୋଷ୍ଠୀ ମାତ୍ର କେଇଟା ମାସ ଭିତରେ ଲାଭବାନ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସୂଚନା ଅନୁସାରେ, ବନ ବିଭାଗ ପକ୍ଷରୁ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ କମିଟି ସହାୟତାରେ ଏହି ଏସଏଚଜି ମହିଳାଙ୍କୁ ଜିଆଖତ ପ୍ରସ୍ତୁତ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଆମ ଜଙ୍ଗଲ ଯୋଜନାର କର୍ମଚାରୀ ଓ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ ମହିଳାଙ୍କୁ ଜିଆ ଖତ ପ୍ରସ୍ତୁତ କରିବାର ତାଲିମ

**- ମିଶନ ଶକ୍ତି ଓ ବନ ବିଭାଗର ମିଳିତ ଉଦ୍ୟମ**
**- ଜିଆଖତ ପ୍ରସ୍ତୁତ କରୁଛନ୍ତି ଏସ୍‌ଏଚ୍‌ଜି ମହିଳା**
**- ନିଜେ ବ୍ୟବହାର କରି ବଳକା ଖତରୁ ଲାଭବାନ ମହିଳା**

ଦେଇଥିଲେ। ଏହି ଜିଆଖତକୁ କିଭଳି ବ୍ୟବହାର କରାଯିବ ସେନେଇ ମଧ୍ୟ ତାଲିମ ଦେଇଥିଲେ। ତାଲିମ ପାଇବା ପରେ ଆମ ଜଙ୍ଗଲ ଯୋଜନା ଓ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଏସଏଚଜି ମହିଳାମାନେ ଜିଆଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଏଥିପାଇଁ ସମସ୍ତ ମିଶି ୨୫-୩୦ ହଜାର ଟଙ୍କା ବିନିଯୋଗ କରିଥିଲେ। ଏଥିପାଇଁ ପ୍ରଥମେ ୪ ଫୁଟ ଦୈର୍ଘ୍ୟ ଓ ୮ ଫୁଟ ପ୍ରସ୍ଥ ବିଶିଷ୍ଟ ଟାଙ୍କି ନିର୍ମାଣ କରିଥିଲେ। ସେଥିରେ ନେଇଥିବା ତାଲିମ ଅନୁସାରେ ଜିଆଖତ ପ୍ରସ୍ତୁତ କରିଥିଲେ। ୬ ମାସ ଭିତରେ ଏହି ଜିଆଖତ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ଏହାକୁ ମହିଳାମାନେ ନିଜ ନିଜ ଜମିରେ ବ୍ୟବହାର କରିଥିଲେ। ଏହି ଖତ ବ୍ୟବହାର କରିବା ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇଥିବା ବେଳେ ଲୋକଙ୍କୁ ମଧ୍ୟ ଏହାକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ମହିଳା ନିଜ ଆବଶ୍ୟକ ମୁତାବକ ଜିଆଖତ ବ୍ୟବହାର କରିବା ପରେ ବଳକା ଜିଆଖତକୁ ବନ ବିଭାଗକୁ ବିକ୍ରି କରିଥିବା ଜଣାପଡ଼ିଛି। ଏହାକୁ ବିକ୍ରି କରି ମହିଳାମାନେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଲକ୍ଷେ ଟଙ୍କା ଆୟ କରିସାରିଥିବା ଜଣାପଡ଼ିଛି। ମହିଳା ମାନଙ୍କ ପାଇଁ ଏହା ଏକ ଉତ୍ତମ ରୋଜଗାର ମାଧ୍ୟମ ସାଜିଥିବା ବେଳେ ଆଗକୁ ଅଧିକ ଜିଆଖତ ପ୍ରସ୍ତୁତ କରି ବିକ୍ରି କରିବାକୁ ମହିଳାମାନେ ଲକ୍ଷ୍ୟ ରଖିଥିବା କହିଛନ୍ତି। ଜିଆଖତ ଆଜି ଏହି ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଥିବା ବେଳେ ଏହି ଏସଏଚଜି ଅନ୍ୟ ମାନଙ୍କ ପାଇଁ ଏବେ ଉଦାହରଣ ସାଜିଛି।

**ଓଲଟିଲା ଧାନ ବୋଝେଇ ଟ୍ରକ**

## ଡ୍ରାଇଭର, ହେଲପରଙ୍କ ସହ ୨ ଶ୍ରମିକ ଆହତ

**ବେଲପଡ଼ା, ୨୮।୧୨(ସମିସ):** ବେଲପଡା ଥାନା ଭରୁଆମୁଣ୍ଡା ଛକ ନିକଟରେ ଥିବା ମୁହାଣ ନିକଟରେ ଧାନ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି। ଏହାର ଚାଳକ ସହ ହେଲପର ଓ ଦୁଇଜଣ ଶ୍ରମିକ ସାମାନ୍ୟ ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନଥିଲେ ବି ଡ୍ରାଇଭର ନାମ ଏସ ବେହେରା ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତ୍ରିରେ ଏହି ଦୁର୍ଘଟଣା ଘଟିଛି। ସାମ୍ନାପଟୁ ଆସୁଥିବା ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକଟି ଭରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ଟ୍ରକଟି ବାଡ଼ିମୁଣ୍ଡାରୁ କଣ୍ଟାବାଞ୍ଜିକୁ ଯାଉଥିଲା ବେଳେ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳକୁ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।



## ବିଜେଡି ପ୍ରତିଷ୍ଠାରେ ଲୋଇସିଂହାରେ ରୋଗୀସେବା

**ଲୋଇସିଂହା, ୨୮ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଗ୍ରେସନ ଭବନ ଠାରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବୈଠକରେ ବିଜୁ ମହିଳା ଜନତା ଦଳ ରାଜ୍ୟ ସମ୍ପାଦିକା ରଞ୍ଜୁ ରାୟମନ ଯୋଗଦେଇ ଦଳକୁ ତଳସ୍ତରରୁ ମଜବୁତ କରି ଆଗାମୀ ନିର୍ବାଚନରେ କିଭଳି ଦଳ ଏହି ନିର୍ବାଚନମଣ୍ଡଳୀରେ ବିଜୟୀ ହେବ ସେଦିଗରେ କର୍ମୀମାନେ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଡାକ୍ତରଖାନାକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନନ୍ତ ସାହୁ, ଭାରତ ଭୂଷଣ ପଧାନ, ରାଜୀବ ଭୋଇ, କମଳ ସାହୁ, ପିତାମ୍ବର ମେର୍ଲି, ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବ୍ଲକର ବିଭିନ୍ନ ଗାଁରୁ ବିଜେଡି କର୍ମୀମାନେ ଯୋଗଦେଇଥିଲେ।



## ଗଣିତ ପ୍ରତି ରାମାନୁଜନଙ୍କ ଅବଦାନ ଶୀର୍ଷକରେ ଆଲୋଚନା

**ଲୋଇସିଂହା,୨୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ରୋତସ୍ଥିତ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ ଗଣିତ ବିଭାଗ ତରଫରୁ 'ରାମାନୁଜନ ଓ ଗଣିତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଡକ୍ଟର ସୁବିଜ୍ଞ ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ ରଥ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ନାଇଜର, ଭୁବନେଶ୍ୱରର ଗଣିତ ବିଭାଗ ପ୍ରଫେସର ବୃନ୍ଦାବନ ସାହୁ ମୁଖ୍ୟବକ୍ତା ତଥା ଆଲୋଚକ ଭାବରେ ଯୋଗଦାନ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀ ହରିପ୍ରୀୟା ନାଏକ, ବର୍ଷାରାଣୀ ମନହୀରା ଓ ପ୍ରୀତି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଗୋପାଳ ସାହୁଙ୍କ ସଭାପତିତ୍ୱରେ ଛାତ୍ର ବନ୍ତ ସାହୁ 'ଭାରତୀୟ ଗଣିତଜ୍ଞ ମାଧବ', ଅଧ୍ୟାପିକା ମଞ୍ଜିତା ପଶାୟତଙ୍କ ସଭାପତିତ୍ୱରେ ଛାତ୍ରୀ ହରିପ୍ରୀୟା ନାଏକ 'ଫିବୋନାସି ଅନୁକ୍ରମ ଓ ଗୋଲଡେନ ରେସିଓ ବ୍ୟବହାର' ଓ ଅଧ୍ୟାପକ ଡକ୍ଟର ସୁବିଜ୍ଞ ଗଡତ୍ମା 'ପ୍ରାଚୀନ ଭାରତୀୟ ଗଣିତ' ସଂପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ନାଇଜର, ଭୁବନେଶ୍ୱରର ସହକାରୀ ପ୍ରଫେସର ଡକ୍ଟର ତୁଷାରକାନ୍ତ ନାଏକ, ଲୋଇସିଂହା କଲେଜର ପ୍ରାଧ୍ୟାପକ ଜଗନ୍ନାଥ ମହାପାତ୍ର, ରୋତ୍ କଲେଜର ଅଧ୍ୟାପକ ଆନନ୍ଦ ମେହେର, ଗତିକୃଷ୍ଣ ଯୋଶୀ, ରାଧାଶ୍ୟାମ ଯୋଶୀ, ମନୋଜ ପାଣିଗ୍ରାହୀଙ୍କ ସମେତ ଗଣିତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ର ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁ କିଶୋରୀ ମହାରାଜଙ୍କ ପରଲୋକ

**ବଲାଙ୍ଗିର, ୨୮।୧୨(ସମିସ):** ସାଧାରଣ ଲୋକଙ୍କ ସାଥୀ ପୂର୍ବତନ କାଉନସିଲର କିଶୋରୀ ମହାରାଜଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ କିଶୋରଚନ୍ଦ୍ର ଦାସ ଗରିବ ଜନସାଧାରଣଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳତା ପାଇ ବହୁ ଚର୍ଚ୍ଚିତ ଥିଲେ। ସ୍ୱର୍ଗତ ଦାଶ ବଲାଙ୍ଗିର ପୌରପାଳିକାକୁ ଏକାଧିକ ଥର ନିର୍ବାଚିତ ହୋଇଥିଲେ। ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ଶ୍ରୀ ଦାସଙ୍କ ସମାଜସେବାରେ ଉତ୍ସର୍ଗିକୃତ ମନୋଭାବ ପାଇଁ ତାଙ୍କୁ ଶ୍ରଦ୍ଧାରେ କିଶୋରୀ ମହାରାଜ ବୋଲି ସମ୍ବୋଧନ କରୁଥିଲେ। ସ୍ୱର୍ଗତ ଦାସ ୧୯୪୧ରେ ବଲାଙ୍ଗିରରେ ଜନ୍ମଗ୍ରହଣ କରିଥିବା ବେଳେ ଗତ ୨୭ ତାରିଖ ଇହଲୀଳା ସମ୍ବରଣ କରିଛନ୍ତି। ସ୍ୱର୍ଗତ କିଶୋରୀ ମହାରାଜ ଗରିବ, ଖଟିଖିଆଙ୍କ ପାଇଁ ସଦା କାର୍ଯ୍ୟ କରି ବଲାଙ୍ଗିରରେ ବହୁଚର୍ଚ୍ଚିତ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

## ଆଦ୍ୟାଶକ୍ତି ନାରୀ ସଂଗଠନର ପ୍ରତିଷ୍ଠା ସମାରୋହ

**ବଲାଙ୍ଗିର, ୨୮।୧୨(ସମିସ):** ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ମହିଳା ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନର ଅଷ୍ଟମ



ପ୍ରତିଷ୍ଠା ଦିବସ ଟାଉନ ବାଳିକା ବିଦ୍ୟାଳୟ ଠାରେ କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପାର୍ବଣରେ ଶିକ୍ଷାବିତ୍ କୁମୁଦିନୀ ମିଶ୍ର ମୁଖ୍ୟଅତିଥି, ବିଶିଷ୍ଟ ଲେଖିକା ଏଲୋରା ମିଶ୍ର ମୁଖ୍ୟବକ୍ତା, ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ମଦନ ମୋହନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ମାଳତୀ ଉଦ୍‌ଗାତା ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ। କବିତା ମିଶ୍ର ଅତିଥିମାଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ପ୍ରିୟା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଶୁଭବେଳା ରେ ୧୭ଥର ରକ୍ତଦାନ କରିଥିବା ମୋହନ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ହୁଳହୁଳି, ବଲଟେକିଙ୍ଗ, ଗ୍ଲାସପିରାମିଡ, ଡ୍ରଇଙ୍ଗ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆରମ୍ଭରେ କୁଇଜ ପ୍ରତିଯୋଗିତା କବି ରତ୍ନମୟ ତ୍ରିପାଠୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତିରାଣୀ ମିଶ୍ର, ନିହାରିକା ମିଶ୍ର, ଆରତୀ ଗୁରୁ, ତପସ୍ୱିନୀ ପଶାୟତ, ସନ୍ଧ୍ୟାରାଣୀ ପଣ୍ଡା, ସଂଯୁକ୍ତା ମିଶ୍ର, ଜୟରାମ ମିଶ୍ର, କପିଳ ପତି, ହୃଷୀକେଶ ପୁରୋହିତ, ପ୍ରେମଚାନ୍ଦ ମହାନ୍ତି, ଧିରେନ୍ଦ୍ର ନାରାୟଣ ସିଂଦେଓ, ଗୋଦାବରିଶ ରଥ, ପ୍ରଦୀପ ପଶାୟତ, ଅରୁଣ ଖୁଆସ ପ୍ରମୁଖ ସହଯୋଗ କରିଥିଲେ। ବିଜୟଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ସୁରକ୍ଷା ଓ ଯତ୍ନ ପାଇଁ କିଶୋର ନ୍ୟାୟ ଆଇନର ତାଲିମ

**ଦେଓଗାଁ, ୨୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା




ସମ୍ପର୍କିତ ଏକ ତାଲିମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂଙ୍କ ସଭାପତିତ୍ୱରେ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ ଯୋଗ ଦେଇଥିଲେ। ଏ ଅବସରରେ କିଶୋର ନ୍ୟାୟ ଆଇନ, ପୁତ୍ର ସନ୍ତାନ ପ୍ରାଧନ୍ୟ ଓ ଲିଙ୍ଗ ନିରୂପଣ ନିମିତ୍ତ ଥିବା ବିଧି ପୋକ୍ସୋ ଆଇନ ଉପରେ ଶ୍ରୀମତୀ ସିଂ କହିଥିଲେ। ସୁରକ୍ଷା ଅଧିକାରୀ ଚୁଡାମଣୀ ପଣ୍ଡା ତାଲିମ ପ୍ରଦାନ କରିଥିଲେ। ପରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି, ମିଶନ ବାତ୍ସଲ୍ୟ ମାର୍ଗଦର୍ଶିକା ଅନୁଯାୟୀ ପଞ୍ଚାୟତର ଗ୍ରାମସଭାରେ ବାର୍ଷିକ ଖସଡା ଯୋଜନାରେ ଶିଶୁ ସୁରକ୍ଷା ଓ ଯତ୍ନ ପାଇଁ ୫ ପ୍ରତିଶତ ବଜେଟ ସ୍ଥାନିତ କରିବାକୁ ନିୟମ ରହିଥିବା ଉପରେ ଜଣାଇଥିଲେ। ଓଡ଼ିଶା ଜୀବିକା ମିଶନ ସଂଯୋଜକ ପ୍ରଦୀପ ଛତ୍ରିଆ, ବିପିସି ଭକ୍ତିଭୂଷଣ ପଣ୍ଡା, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦିକା, ସିଆରପି, ଏମବିକେ ଶିବିରରେ ଯୋଗଦେଇଥିଲେ।

## ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା

**ବଲାଙ୍ଗିର, ୨୮।୧୨(ସମିସ):** ଦେଓଗାଁ ବ୍ଲକ ଜରାସିଂହାସ୍ଥିତ ପାଟଖଣ୍ଡା ଦେବୀଙ୍କ ନିଶିଗୁଡି ନିକଟରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ବଲାଙ୍ଗିର ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀ, କଳାକାର, ଶିକ୍ଷାବିତ, ସମାଜସେବୀମାନଙ୍କର ଦକ୍ଷତା ଆଧାରରେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଜିଲ୍ଲା ସଭାପତି କଂସାରି ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିଖିଳ ଓଡ଼ିଶା କୈବର୍ତ୍ତ ସମାଜର ସଭାପତି ଯୋଗେନ୍ଦ୍ର ବେହେରା ମୁଖ୍ୟଅତିଥି, ଅଧ୍ୟାପକ ରମାକାନ୍ତ ନାଏକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ୧୦ଟି ଆଭିମୁଖ୍ୟ ଉପରେ ଅତିଥିବୃନ୍ଦ ନିଜର ବକ୍ତବ୍ୟ ପ୍ରଦାନ କରି କର୍ମକର୍ତ୍ତାଙ୍କୁ ଏକଜୁଟ ହେବା ପାଇଁ ସଭାପତି କଂସାରି ନାଏକ ଆହ୍ୱାନ ଦେଇଥିଲେ। ଦେଓଗାଁ ବ୍ଲକ ଆଞ୍ଚଳିକ ସଭାପତି ପର୍ଶୁରାମ ସେଠ, ସମ୍ପାଦକ ଭୋଳାପତି ମାଲି, ଯାତ୍ରା କମିଟି ସଭାପତି ଲମ୍ବୋଦର କୁଅଁର, ସମ୍ପାଦକ ହେମନ୍ତ ଛତ୍ରିଆ, କମିଟି ସଭ୍ୟ ବାଲେଶ୍ୱର ସେଠ, ସୁରେଶ କୁଅଁର, ନିକାଞ୍ଜଳ କୁଅଁର, ରତ୍ନାକର ନାଏକ, କୁନୁ ପ୍ରସାଦ ନାଏକ, କେନ୍ଦୁଘାଟ ସଭାପତି କମ୍ପ ସେଠ, ସମ୍ପାଦକ ଗଦାଧର ବେରିଆ, ସିଂହାମୁଣ୍ଡା ଆଞ୍ଚଳିକ ସଭାପତି ଦିନବନ୍ଧୁ ବିଶି, ସମ୍ପାଦକ ବକୁଳ ସେଠ, ତୃତୀୟା ନାଏକ, ଶ୍ରୀକାନ୍ତ ବାଗ, ମହିଳା ସଦସ୍ୟା ପଦ୍ମାବତି ପତ୍ରିମାଲି, ରୀନା ପତ୍ରିମାଲି, ମାଳିନି ବାଗ, ତୁଳସା କୁଅଁର, କଳ୍ପନା ଛତ୍ରିଆ ସହଯୋଗ ପୂର୍ବକ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ମାଁ ସମଲେଶ୍ୱରୀଙ୍କ ଜ୍ୟୋତି ମୁଖ୍ୟ ଅତିଥି ଯୋଗେନ୍ଦ୍ର ବେହେରା ପୌରାଞ୍ଚଳକୁ ୨୦୨୪ରେ ନୂଆଁଖାଇ ଭେଟଘାଟ ପାଇଁ ଜ୍ୟୋତି ଅର୍ପଣ କରିଥିଲେ।




## ଅଯୋଧ୍ୟାରୁ ପୂଜିତ ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ

**ବଙ୍ଗୋମୁଣ୍ଡା, ୨୮।୧୨(ସମିସ):** ବଙ୍ଗୋମୁଣ୍ଡା ଶ୍ରୀରାମ ମନ୍ଦିର ଅଯୋଧାରେ ନିର୍ମାଣ ଚାଲିଥିବା ଭବ୍ୟ ମନ୍ଦିରର



ଉଦଘାଟନ ଆସନ୍ତା ଜାନୁଆରୀ ୨୨ ତାରଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଦେଶର ସାଧୁସନ୍ଥଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସର ସଂଯୋଜନାରେ ଚାଲିଥିବା ଏହି କାର୍ଯ୍ୟକ୍ରମ ପାଇଁ ଶ୍ରୀରାମ ଭକ୍ତଙ୍କୁ ନିମନ୍ତ୍ରଣ ଦେବା ଉଦ୍ଦେଶ୍ୟରେ ଅଯୋଧାରେ ପୂଜିତ ହୋଇ ଅକ୍ଷତ କଳସ ପ୍ରେରଣ କରାଯାଉଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ସମସ୍ତ ବ୍ଲକ ପାଇଁ ଅକ୍ଷତ କଳସ ସାଧୁସନ୍ଥଙ୍କ କରକମଳରେ ବିତରଣ କରାଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ତରଫରୁ ପ୍ରତିନିଧିତ୍ୱ କରି ଅନୀଲ ଖମାରୀ ଦିବ୍ୟକଳସକୁ ଗ୍ରହଣ କରିଥିଲେ। ବଙ୍ଗୋମୁଣ୍ଡାକୁ କଳସ ପହଞ୍ଚିବା ପରେ ଜନସାଧାରଣଙ୍କଠାରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଚାରିଛକକୁ ପହଞ୍ଚିବା ପରେ ଆରମ୍ଭ ହୋଇଥିବା ଶୋଭାଯାତ୍ରା ସ୍ଥାନୀୟ ଭକ୍ତବୃନ୍ଦଙ୍କ ଦ୍ୱାରା ହରିବୋଲ ହୁଳହୁଳି ଘଣ୍ଟ, ଶଙ୍ଖ ବାଦ୍ୟ ତଥା ପୁଷ୍ପବୃଷ୍ଟି କଳସ ସ୍ଥାପନ ଦ୍ୱାରା ସ୍ୱଗତ କରାଯାଇଥିଲା। ଗାୟତ୍ରୀ ମନ୍ଦିରଠାରେ ହୋଇଥିବା କାର୍ଯ୍ୟକ୍ରମରେ ଭୁବନେଶ୍ୱର ସଗରିଆ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ। ଗାୟତ୍ରୀ ମନ୍ଦିରରେ ଏହି କଳସ ସ୍ଥାପନା କରାଯାଇଥିଲା।

## ସ୍କୁଲ ରୋଷେଇ ଗୃହ ସମ୍ମୁଖରେ ଅଳିଆଗଦା

**ତୁରେକେଲା,୨୮।୧୨(ସମିସ):** ଗ୍ରାମାଞ୍ଚଳର ସ୍ୱଚ୍ଛତାକୁ ନେଇ ପ୍ରଶାସନିକ ସଫଳତା କାଗଜକଲମରେ ସୀମିତ ରହିଛି। କେନ୍ଦ୍ର ସରକାରଙ୍କ ଏହି ଅଭିଯାନ ଗ୍ରାମାଞ୍ଚଳରେ ବାଟବଣା ହେଉଛି। ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁ ମଝିରେ ଥିବା ଏକ ବିଦ୍ୟାଳୟ ଏକପ୍ରକାର ଅଳିଆ ଗଦା ଘେରରେ



ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଏ। ରାସ୍ତା ଅନ୍ୟ ପାର୍ଶ୍ୱରେ ରୋଷେଇ ଘର ରହିଛି। ସେହି ରୋଷେଇ ଗୃହ ଲାଗି ଗାଁର ଅଳିଆ ଗଦା ରହିଛି। ଯାହାଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ସେହି ପରିବେଶ। ସେହିପରି ପରିବେଶରେ ରୋଷେଇ ହେଉଥିବାରୁ କେତେବେଳେ ବି ବିଦ୍ୟାଳୟ ଛାତ୍ରଛାତ୍ରୀ ରୋଗାଗ୍ରସ୍ତ ହେବେ ବୋଲି ଅଭିଭାବକ ମହଲରେ ଆଶଙ୍କା ରହିଛି। ରାସ୍ତାକଡ ରେ ଅଳିଆ ଗଦା ଥିବାରୁ ରାସ୍ତା ଉପରେ ମଧ୍ୟ ଅଳିଆ ଭରି ରହୁଛି। ଏହା ଉପରେ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଏହି ଅଳିଆ ଆବର୍ଜନା ଯଥାଶୀଘ୍ର ସଫେଇ କରିବାକୁ ଗାଁର ଆମ୍ବେଦକର ଯୁବକ ସଂଘ ଦାବି କରିଛି। ସ୍ୱଚ୍ଛ ଭାରତ ଯୋଜନା ହୋଇଥିବା ଅନେକ ଗୋଡିଏ ପ୍ରକଳ୍ପ ଏହି ବେହେରେନସିଲେଟ ଗାଁରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ଅଭିଯୋଗ ହେଉଛି।

## ଛଅ ମାସ ପରେ ବି ମିଳିନି 'ଜମି ମରାମତି' ପାଉଣା

**ଖପ୍ରାଖୋଲ, ୨୮ ।୧୨ (ସମିସ):** ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମ କରାଉଛନ୍ତି। ଚାଷୀଙ୍କ ଜମି ମରାମତି ପାଇଁ ମଧ୍ୟ ପ୍ରକଳ୍ପ ହେଉଛି; ହେଲେ ଚାଷୀମାନେ ଜମି ମରାମତି କଲେ ମଧ୍ୟ ମାସ ମାସ ଧରି ପାଉଣା ମିଳୁ ନଥିବା ଅଭିଯୋଗ ହେଉଛି। ଏପରି ଏକ ଅଭିଯୋଗ ହୋଇଛି। ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଟଙ୍କପାଣି ପଞ୍ଚାୟତ ସରେଇବାହଲ ଗାଁର ହିତାଧିକାରୀ ଏହି ଅଭିଯୋଗ ଆଣି ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗାଁ ସେବକ ପ୍ରଧାନ, କାର୍ତ୍ତିକ ବିଶ୍ୱାଳ, ମନବୋଧ ମାଝୀ, ବଶିଷ୍ଠ ତାଣ୍ଡି, ଯୁଗେ ମାଝୀଙ୍କ ସହ ପାଞ୍ଚଟି କେସ ରେକର୍ଡରେ ୫୩ ଜଣ ହିତାଧିକାରୀ ଜମି ମରାମତି ପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ କାମ ଶେଷ ହେଲାପରେ ବି ସମ୍ପୂର୍ଣ୍ଣ ପାଉଣା ମିଳି ନଥିବାଅଭିଯୋଗକରିଛନ୍ତି। ଏନେଇଚାଷୀମାନେ ବିଡିଓଙ୍କୁ ଏକ ଅଭିଯୋଗପତ୍ର ଦେବାକୁ ଆସିଥିବା ବେଳେ ବିଡିଓଙ୍କ ଅନୁପସ୍ଥିତରେ ଏପିଓ ପ୍ରଶାନ୍ତ ସାହୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହ ଏହାର ଅନୁସନ୍ଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।



## ଦକ୍ଷତା ବିକାଶ ତାଲିମ ଶିବିର

**ବଲାଙ୍ଗିର, ୨୮।୧୨ (ସମିସ):** ସଦାଇପାଲିସ୍ଥିତ ଭାଗବତ ଘରଠାରେ ରାମଜୀ ଯୁବକ ସଂଘ ଆନୁକୂଲ୍ୟରେ ସଂଘର ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ରଙ୍କ ଆହ୍ୱାନକ୍ରମେ ମହିଳା ସ୍ୱୟଂ ସହାୟକ ଦଳର ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ୮ଟି ସ୍ୱୟଂ ସହାୟକ ଦଳର ୫୫ ଜଣ ସଦସ୍ୟାଙ୍କୁ ନେଇ ହୋଇଥିବା ତାଲିମ ଶିବିରରେ ଅତିଥି ଭାବରେ ରାମଜୀ ଯୁବକ ସଂଘର ବରିଷ୍ଠ ସଭ୍ୟ ରମେଶଚନ୍ଦ୍ର ନାଏକ ଶୁଭାରମ୍ଭ କରିଥିଲେ। ଅନ୍ୟତମ ବରିଷ୍ଠ ସଦସ୍ୟ ବିରଞ୍ଚି ସାଏ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାଧନ କର୍ମୀ ଭାବରେ ଯୋଗଦାନ କରି ରାମଜୀ ଯୁବକ ସଂଘର ପ୍ରକଳ୍ପ ସଂଯୋଜକ ଅଶୋକ ମେହେର ଅଂଶଗ୍ରହଣକାରୀ ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଏବଂ ଏହାର ପରିଚାଳନା ତଥା ଆବଶ୍ୟକ ନଥିପତ୍ର ପୂରଣ ଉପରେ ତାଲିମ ଦେବା ସହିତ ତାଙ୍କୁ ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ଉପରେ ବ୍ୟାପକ ଭାବରେ ବୁଝାଇଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଦଳ ନେତ୍ରୀଙ୍କ ମଧ୍ୟରୁ ରୁପକାନ୍ତି ତେଜୀ, ଗିତାଞ୍ଜଳି ପଟେଲ, ପଙ୍କଜିନୀ ସାହୁ, ରଶ୍ମିତା ମେଶ୍ରା ତଥା ପ୍ରମୋଦିନୀ ପଟେଲ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ।

# ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା

**ଖପ୍ରାଖୋଲ, ୨୮ ।୧୨ (ସମିସ)**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନିଯୁକ୍ତ ଗଜ ସାଥୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହାତୀ ଚଳପ୍ରଚଳ ଗାଁକୁ ଯାଇ ଚାଲି ଚାଲି ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାଇ କାର୍ଡ ଧରି ବୁଲିବା ସହ ପଥପ୍ରାନ୍ତ ସଭା ମାଧ୍ୟମ ରେ ଜନସାଧାରଣ ସଚେତନ କରିଥିଲେ। ଏହି ଅବସରରେ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମର ଶୁଭାରମ୍ଭ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ କରିଥିବା ବେଳେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ଖପ୍ରାଖୋଲ ବନପାଳ ସୁଧୀର ଜେନା, ବନରକ୍ଷୀ ସଞ୍ଜୀବ ପଧାନ, ଶରତ ନାଏକ, ରାଜେନ୍ଦ୍ର ଧରୁଆ , ଉମା ଭୁଆ, ମହେନ୍ଦ୍ର କାଳସାଏ, ଦୀପାଞ୍ଜଳି ସାହୁ, ମଞ୍ଜୁ କୁମ୍ଭାର, ଆମ ଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ସମେତ ବନସୁରକ୍ଷା ସମିତି କର୍ମକର୍ତ୍ତା, ଗଜସାଥୀ ଉପସ୍ଥିତ ଥିଲେ। ସଚେତନତା ଶୋଭାଯାତ୍ରା ହରିଶଙ୍କରଠାରୁ ଆରମ୍ଭ ହୋଇ ଭାନପୁର, ନାନ୍ଦୁପଲା, ତେଲେନପାଲି ଓ ରେଙ୍ଗାଲି ପଞ୍ଚାୟତର ହାତୀ ଚଳପ୍ରଚଳ ଗାଁ ବୁଲିଥିଲା।

ସକାଳ THE SAKALA



# 'ବ୍ୟକ୍ତିବାଦ ନୁହେଁ, ଜାତୀୟତାବାଦ ହିଁ ସମୃଦ୍ଧି ଆଣିପାରିବ'

**ଭବାନୀପାଟଣା, ୨୮ ।୧୨ (ସମିସ)**

ସାଧାରଣ ଲୋକଙ୍କୁ ଏକ ଦୁର୍ନୀତିମୁକ୍ତ ଶାସନ ଓ ସ୍ୱଚ୍ଛ ପ୍ରଶାସନକୁ ସମସ୍ତଙ୍କ ପାଖରେ ନିଶ୍ଚିତ କରିବା ପାଇଁ ଓଡ଼ିଶା ଲୋକାୟୁକ୍ତ ଆଇନ ୨୦୧୪ ପ୍ରଣୟନ ହୋଇଥିଲା। ଜନସାଧାରଣଙ୍କୁ ଦୁର୍ନୀତି ସମ୍ବନ୍ଧୀୟ ଅଭିଯୋଗ ଉପରେ ତଦନ୍ତ ଓ ଦୋଷୀଙ୍କୁ ଦଣ୍ଡବିଧାନ ଦିଗରେ ଓଡ଼ିଶା ଲୋକାୟୁକ୍ତ କାର୍ଯ୍ୟାଳୟର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ଏହା ଉପରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାରେ ଆଜି ସ୍ଥାନୀୟ ଟାଉନହଲଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଲୋକାୟୁକ୍ତ ଓଡ଼ିଶାର ବିଚାରପତି ବିଜୟ କୁମାର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଲୋକାୟୁକ୍ତ ସଭ୍ୟ ଡ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀ, କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଦୌରାଜଜ ଶୁଭରଞ୍ଜନ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଶୁଭ ଚୈତନ୍ୟ ମିଶ୍ର ମଞ୍ଚାସିନ ଥିଲେ। ସଭା ଆରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନକୁ ସମ୍ମାନ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ ଶୁଭରଞ୍ଜନ ମହାନ୍ତି ଲୋକାୟୁକ୍ତ ଆଇନ ୨୦୧୪ର ସଚେତନତା କର୍ମଶାଳାର ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ। ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ସାଧାରଣ ଜୀବନରେ ଦୁର୍ନୀତିକୁ ପ୍ରଶ୍ରୟ ନ ଦେଇ




## ଓଡ଼ିଶା ଲୋକାୟୁକ୍ତ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କିଭଳି ସରକାରୀ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତିକୁ ପ୍ରତିହତ କରିବା ଏବଂ ଏ ସମ୍ବନ୍ଧୀୟ ଅଭିଯୋଗ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଏବଂ ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ଦୁର୍ନୀତି ପ୍ରତି ସଚେତନ ହୋଇ ଲୋକାୟୁକ୍ତଙ୍କୁ ଅଭିଯୋଗ କରିବା ଉପରେ ଆହ୍ୱାନ ଦେଲେ। ଲୋକାୟୁକ୍ତ ସମ୍ପାଦକ ଶ୍ରୀ ତ୍ରିପାଠୀ ନିଜ ବକ୍ତବ୍ୟରେ ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତୀୟ ଫାର୍ମ ଏ ଓ ଶପଥ ପତ୍ର ପୂରଣ ଉପରେ ବିଶେଷ ସୂଚନା ଦେଇଥିଲେ। ଓଡ଼ିଶା ଲୋକାୟୁକ୍ତ ସଭ୍ୟ ଡ ଦେବବ୍ରତ ସ୍ୱାଇଁ କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ସଂକ୍ରାନ୍ତୀୟ ଅଭିଯୋଗ ବିଶେଷଃ ଜଙ୍ଗଲ ବିଭାଗ ଏବଂ ମନରେଗା ଉପରେ ଲୋକାୟୁକ୍ତଙ୍କୁ ପ୍ରେରଣ ହୋଇଛି ଏବଂ ଏ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଏଭଳି ଓଡ଼ିଶାରେ ପ୍ରଥମ କରି କଳାହାଣ୍ଡି ଜିଲ୍ଲାରେ ଲୋକାୟୁକ୍ତ କାର୍ଯ୍ୟାଳୟର ସର୍କିଟ ବୈଠକ ସ୍ଥାପନ କରାଯାଉଛି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ ପ୍ରଶାସନକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାରେ ଯେପରି ଜନସାଧାରଣଙ୍କ ଅଭିଯୋଗ ମୂଳକ ପଦକ୍ଷେପ ନିଆଯାଉଛି ସେଭଳି କର୍ମଚାରୀଙ୍କୁ ନିଜ ଦାୟିତ୍ୱ, ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ବିଜୟ କୁମାର ନାୟକ ନିଜ ବକ୍ତବ୍ୟରେ ଦୁର୍ନୀତି ହିଁ ସମୃଦ୍ଧ ଓଡ଼ିଶା ଏବଂ ଦେଶର ଏକ ପ୍ରଧାନ ପ୍ରତିରୋଧ ହୋଇ ଠିଆହୋଇଛି ଏବଂ ଯେ ପର୍ଯ୍ୟନ୍ତ ଏହି ମାରାତ୍ମକ ବ୍ୟାଧିକୁ ଜନସାଧାରଣ ଜୀବନରୁ ହଟା ନ ଯାଇଛି ସେ ପର୍ଯ୍ୟନ୍ତ ଏକ ସମୃଦ୍ଧ ଭାରତ ବର୍ଷ ରୂପେ ଦେଖିବା ଅସମ୍ଭବ ମନେ ହୁଏ। ବ୍ୟକ୍ତିବାଦ୍ ନୁହେଁ ଜାତୀୟତା ବାଦ୍ ହିଁ ସମୃଦ୍ଧି ଆଣିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଶୁଭ ଗୌତମ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭାଟିକୁ ପରିଚାଳନା କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ଡ ଉମେଶ ଚନ୍ଦ୍ର ଶତପଥୀ। ସଭାରେ କଳାହାଣ୍ଡି ବାର ସଭ୍ୟ, ପ୍ରଗତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା, ମିଶନ ଶକ୍ତି ମାଁ, ଅଙ୍ଗନୱାଡ଼ି କର୍ମୀ, ତହସିଲଦାର କଳାହାଣ୍ଡି ଶୁଭସ୍ମିତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସତ୍ୟା ସମ୍ପୂର୍ଣ୍ଣା ରାଉତ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାର ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବ ଯାନ୍ତ୍ରିକ କୃଷି ପଦ୍ଧତି

## କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନ

**ନୂଆପଡ଼ା, ୨୮।୧୨(ସମିସ):** ଗତ ୨୬ ତାରିଖଠାରୁ ସ୍ଥାନୀୟ ପୁଲିସ ପଡ଼ିଆରେ ଚାଲିଥିବା କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନର କାର୍ଯ୍ୟକ୍ରମରେ ଗୁରୁବାର ଦିନ ଅତିଥିମାନେ ଯୋଗଦେଇ ଯାନ୍ତ୍ରିକ କୃଷି ପଦ୍ଧତି ଉପରେ ଗୁରୁତ୍ୱ ଦେଇଥିବାବେଳେ ଜିଲ୍ଲାର ବିକାଶ ଦିଗରେ ଏହା ସବୁବେଳେ ସହାୟକ ହେବ। କୃଷି ଉତ୍ପାଦନ ବୃଦ୍ଧି ହେବା ସହ ବିକାଶର ସୀମାରେଖା ମଧ୍ୟ ବଢ଼ିବବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଉମା ଠାକୁର, ଭାନୁପ୍ରତାପ ସିଂ ମାଝୀ, ଭରତଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ଅର୍ଜନ କରିଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷି ଯାନ୍ତ୍ରିକୀକରଣ ଯୋଜନାରେ ଦୁଇଜଣ ଚାଷୀଙ୍କୁ କମ୍ବାଇନ ହାରଭେଷ୍ଟର ପ୍ରଦାନ କରାଯାଇଥିବାବେଳେ ପରିଚାଳନା ପାଣ୍ଠି ବାବଦକୁ ଦୁଇଗୋଟି ମହିଳ ସ୍ୱୟଂ ସହାୟକ ଦଳକୁ ପ୍ରତ୍ୟେକେ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ସେଠ, ଅତିରିକ୍ତ ଜିଲ୍ଲାଉଦ୍ୟାନ କୃଷି ଅଧିକାରୀ ହରେକୃଷ୍ଣ ଚାନ୍ଦ ହାଂସଦା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ କୋମନା ଅତିରିକ୍ତ କୃଷି ଅଧିକାରୀ ସଙ୍ଗୀତା ମେହେର, ଏଏଚଓ କୋମନା ଆରାଧନା ଶବର ମନଚ ପରିଚାଳନା କରିଥିଲେ। ସଂଧ୍ୟାରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ତରଫରୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ମେଳା ପରିସରରେ କୃଷି ଭିତିକ ବହୁ ଷ୍ଟଲ ରହିଥିବାରୁ ସକାଳୁ ସଂଧ୍ୟାଯାଏଁ ବହୁ ଲୋକ ଆସି ବୁଲି ଦେଖୁଛନ୍ତି।

# ନୀଳକଣ୍ଠେଶ୍ୱର କ୍ରିକେଟ; ଫାଇନାଲରେ ମୁଖିଗୁଡ଼ା

**କୋକସରା, ୨୮ ।୧୨(ସମିସ):** କୋକସରା ବ୍ଲକ କୁସୁମଖୁଣ୍ଟି ମିନି ଷ୍ଟାଡିୟମଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ପୂଝାରୀଗୁଡା ଓ ମୁଖୀଗୁଡା କ୍ରିକେଟ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ପୁଝାରୀଗୁଡା ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ୍ ବିନିମୟରେ ୯୫ରନ୍ ସଂଗ୍ରହ କରିଥିଲା। ମୁଖିଗୁଡା ଟିମ୍ ୧୧ ଓଭର ୨ ବଲରେ ୫ ୱିକେଟ୍ ହରାଇ ବିଜୟଲାଭ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ଅମ୍ପିଆର ଭାବେ ବରିଷ୍ଠ କ୍ରିକେଟର ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଅଜୁ ନାଏକ ରହିଥିଲେ, ପ୍ରଶାନ୍ତ କୁମାର ଖୀଲ ରଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ କଳାହାଣ୍ଡି ଜିଲ୍ଲା ମହିଳା ଯାଦବ ସଭାନେତ୍ରୀ ରଶ୍ମିରେଖା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ତପନ କୁମାର ବେହେରା, ଜିଲ୍ଲା ବିଜେଡ଼ି ଏସଟି ସେଲ ସଭାପତି ଇଂ. ସୁଶୀଲ କୁମାର ଶବର, ମୋହିତ ରାଉତ, ମହେଶ୍ୱର ମାଝୀ, ସନ୍ତୋଷ ନିଆଲ, ଲିଙ୍ଗରାଜ ବେହେରା, ମହେଶ୍ୱର କାଣ୍ଡ, ରିଙ୍କୁ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଅନୁଷ୍ଠାନର ତୋଫାନ କର, କ୍ଷୀରସିନ୍ଧୁ ସୁନାନୀ, ଭାଗ୍ୟବାନ ପୂଝାରୀ, ବିଶ୍ୱଜିତ ମହାନ୍ତି, ଲାବାଣ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ

# ନୂଆ-'ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ

**ଭବାନୀପାଟଣା, ୨୮ ।୧୨ (ସମିସ) :** 'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ନୂଆ-ଓ' କାର୍ଯ୍ୟକ୍ରମ ଉଭୟ ବିଶ୍ୱବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଦ୍ୱାରା ଅନୁଷ୍ଠିତ ହୋଇଥିବା କ୍ରୀଡା, ସାଂସ୍କୃତିକ ତଥା ସାମାଜିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା ୧୫ ତାରିଖଠାରୁ ଆରମ୍ଭ ହୋଇ ୨୭ ତାରିଖ ଦିନ ସମାପ୍ତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି କର୍ଣ୍ଣେଲ୍ ପ୍ରଫେସର ସଞ୍ଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ରାଜ୍ୟସଭା ସାଂସଦ, କଳାହାଣ୍ଡି ସୁଜିତ୍ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ଏହି ନୂତନ କାର୍ଯ୍ୟକ୍ରମ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ରାଜ୍ୟରେ ପ୍ରଥମଥର ପାଇଁ ପ୍ରାୟ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କର କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ସୃଜନଶୀଳତା ଦକ୍ଷତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ବିଚାରଧାରା ଓ ପ୍ରୟାସକୁ ଭୁୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପୁଷ୍ପେନ୍ଦ୍ର ସିଂହ ଦେଓ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ କଳାହାଣ୍ଡି ଏବଂ ସମ୍ମାନୀତ ଅତିଥି ଭାବେ ସଂଯୁକ୍ତା ବେହେରା, ଅଧ୍ୟକ୍ଷା ଭବାନୀପାଟଣା ମ୍ୟୁନିସିପାଲଟି, ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପିତାମ୍ବର ଭୋଇ ମଧ୍ୟ ଯୋଗ ଦେଇଥିଲେ। ଏହି ସଭାରେ ବିଶିଷ୍ଟ ଅତିଥି ରୂପେ ସୁଶାନ୍ତ କୁମାର ଚୋପ୍‌ଦାର, ଜିଲ୍ଲା ଶିକ୍ଷା ଅଧିକାରୀ କଳାହାଣ୍ଡି, ସୁରେଶ ବଳିଆର ସିଂହ, ଆର୍ ଆଇ କଳାହାଣ୍ଡି, ସର୍ବେଶ୍ୱର ଭୋଇ ବିଶିଷ୍ଟ ଲୋକଗୀତ ଗାୟକ, ଯୋଗବ୍ୟାସ ଭୋଇ, ଆନ୍ତର୍ଜାତିକ ପର୍ବତ ଆରୋହୀ, ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା କ୍ରୀଡା ଅଧିକାରୀ, ଅତିଥି ଭାବେ ଯୋଗ ଦେଇ କୁଳପତିଙ୍କ ଦ୍ୱାରା ସମ୍ବର୍ଧିତ ହୋଇଥିଲେ। ଉଭୟ ବିଶ୍ୱବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କ୍ରୀଡା କ୍ଷେତ୍ରରେ ବିଭିନ୍ନ ବର୍ଗରେ ମୋଟ ୪୬୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ମୋଟ ୨୬୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପରେ ସାମାଜିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଲିଭାଇଥିବା ମୋଟ ୧୮ ଜଣ ଉତ୍ତମ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଦାସ, ରାଜନିତୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମେଜର ଡ. ଜୟଦେବ ସାହୁ, ଡ. ମଧୁଲିକା ସାହୁ ଓ ଶ୍ରୀ ସୁବ୍ରତ ପ୍ରଧାନ, ମଞ୍ଚ ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ପରିଶେଷରେ ଡ. ଘନଶ୍ୟାମ ବେହେରା ଏ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକଦିବସୀୟ ସୁଶାସନ ଦିବସ ପାଳିତ




**ଭବାନୀପାଟଣା, ୨୮ ।୧୨ (ସମିସ) :** ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦରଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନ ର ପ୍ରକଳ୍ପ ଜାଗୃତି ଦ୍ୱାରା ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରେ ଏକଦିବସୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଚେୟାରମାନ ସଂଯୁକ୍ତା ବେହେରା, ଉପ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଜଗଦୀଶ ମୁଣ୍ଡ, ଉପ ଶିଶୁ ମଙ୍ଗଳ ସମିତି ଅଧିକାରୀ ଦୁଲାଲ ସେନାପତି, ବି. ଏ ଫ . ଓ ମୃତ୍ୟୁଞ୍ଜୟ ନାଏକ ଯୋଗ ଦେଇ କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ। ଏହା ପରେ ଜିଲ୍ଲା ସଂଯୋଜକ ବର୍ଷାରାଣୀ ଦାଶ ଙ୍କ ଦ୍ୱାରା ମମତା ସଂଗଠନ ଉପରେ ବିସ୍ତାର କରାଯାଇଥିଲା। ଏହା ପରେ ସମସ୍ତ ଅଧିକାରୀମାନେ ସୁଶାସନ ଉପରେ ନିଜ ନିଜର ମତ ରଖିବା ସହିତ ମମତା ସଂସ୍ଥା ର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତ ବିଭାଗ, ଏବଂ ଶିଶୁ ମଙ୍ଗଳ ସମିତି ବିଭାଗ ର ମୁଖ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହା ସହିତ କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜେ ଗ୍ରାମୀଣ ସ୍ତରରେ ଗାଁ କଲ୍ୟାଣ ସମିତି କିଭଳି ସଠିକ୍ ସମଭାବରେ କାର୍ଯ୍ୟ କରିବା। ସେଥିପାଇଁ ଦଳଗତ ଭାବରେ ଆଲୋଚନା କରିବା ସହିତ ତିନି ମାସର ଏକ ଯୋଜନା ବନାଗଲା। ଆଉ ଏହି ସମିତିରେ କେତେ ଜଣ ସଦସ୍ୟ ରହିବା ଦରକାର, ଗୋଟେ ବର୍ଷରେ କେତେ ଟଙ୍କା ଆସିଥାଏ ଏବଂ କେଉଁଠି ବ୍ୟବହାର କରାଯିବ ସେ ବିଷୟରେ ସମସ୍ତ ସଦସ୍ୟଙ୍କୁ ସମ୍ୟକ୍ ଧାରଣା ଦିଆଗଲା। ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଜିଲ୍ଲା ସଂଯୋଜିକା ବର୍ଷାରାଣୀ ଦାଶ, ସୁପର ଭାଇଯୋର୍ ପାର୍ବତୀ କୁମାରୀ, ଏବଂ ସଂସ୍ଥା ର କର୍ମଚାରୀ ସିଦ୍ଧାର୍ଥ କୁମାର, ଆରତୀ ନାୟକ, ମିନତି ପଟ୍ଟନାୟକ, ସିମରନ୍ ଦାସ ଆଦି କାର୍ଯ୍ୟ କରିଥିଲେ।

# ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

**ଭବାନୀପାଟଣା, ୨୮ ।୧୨ (ସମିସ) :** ବିଜୁ ଜନତା ଦଳ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ଜୟପାଟଣା ବ୍ଲକ ମୁଖିଗୁଡ଼ାଠାରେ ଲାଞ୍ଜିଗଡ଼ ବିଧାୟକଙ୍କ ନେତୃତ୍ୱରେ ଓଡ଼ିଶା ମୋ ପରିବାର



ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ମାନ୍ୟବର ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ଯୋଗଦାନ କରି ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜିଲ୍ଲା ଜୀବନ ବିନ୍ଦୁ ସଂଯୋଜକ ଅମିତ୍ କୁମାର ଯାଦବ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ସଇଲେନ୍ଦ୍ର ରାଜ, ଜୟପାଟଣା ବ୍ଲକ ଯୁବ ସଭାପତି ଆମ୍ବୁଜ ଧଙ୍ଗଡାମାଝି, ଛାତ୍ର ବ୍ଲକ ସଭାପତି ମୋଷିମ୍ ଖାଁ, ଅମିତ କୁମାର ଦାଶ, ସତ୍ୟନାରାୟଣ ଅଗ୍ରୱାଲ, ଅନିଲ ନିଆଲ, ପଙ୍କଜିନି ପଟ୍ଟନାୟକ, ବସନ୍ତ ନାୟକ, କୃପାସିନ୍ଧୁ ପଣ୍ଡା, ବେଳାଳସେନ ମାଝୀ, ଚିନ୍ମୟ ରାଉତ, ପ୍ରଶାନ୍ତ ପଣ୍ଡା, ଅଜୟ ମହଲିକ, ନଟବର ହରିଜନ, ଲକ୍ଷ୍ମଣ ରଣା, ଷଷ୍ଠୀ ପଟେଲ ପ୍ରମୁଖ ଯୁବ ଛାତ୍ର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଷ୍ଟେଟ ଓପନ୍ ଚାମ୍ପିଅନ୍‌ସିପ୍‌ରେ ଜୁନାଗଡ଼ କଳା ବିକାଶ କେନ୍ଦ୍ରର ସଫଳତା

**ଜୁନାଗଡ଼, ୨୮।୧୨ (ସମିସ):** ବ୍ରହ୍ମପୁରଠାରେ ଅନୁଷ୍ଠିତ ଷ୍ଟେଟ ଓପନ୍ ଟାଏକୋଣ୍ଡୋ ଚାମ୍ପିଆନ୍ସିପ୍ ୨୦୨୩ରେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସ୍ଥିତ କଳା ବିକାଶ କେନ୍ଦ୍ରର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରି ସଫଳତା ଆଣିଛନ୍ତି। ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ମୋଟ ୫୪ ଜଣ ପ୍ରତିଯୋଗୀ ସହ କଳା ବିକାଶ କେନ୍ଦ୍ର ର ୯ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ବିକାଶ କେନ୍ଦ୍ରର ଛାତ୍ରଛାତୀ ଦୁଇଟି ସ୍ୱର୍ଣ୍ଣ, ତିନି ରୌପ୍ୟ ଓ ତିନି କାଂସ୍ୟ ପଦକ ହାସଲ କରିଛନ୍ତି। ୮ ରୁ ୧୧ ବର୍ଷ ବୟସ ପୁରୁଷ ବିଭାଗ ରେ ୨୧ ରୁ ୨୩ କିଲୋ ବର୍ଗରେ ଅଜୟ କୁମାର ପାଢ଼ୀ, ଦିନେଶ୍ ଦଲେଇ, ପ୍ରିୟାଂଶୁ ପ୍ରଧାନ, (ବ୍ରୋଞ୍ଜ୍ ପଦକ), ସ୍ୱୟମ ଶିବ ଯୋଶୀ, ଦୀପେଶ୍ ଦଲେଇ( ସିଲଭର୍) ତନ୍ମୟ ଦେ, ଅଂଶୁମାନ ପୁଞ୍ଜି (ଗୋଲ୍ଡ ପଦକ) ଓ



୧୨ରୁ ୧୪ ବୟସ ୪୧ ରୁ ୪୫ କେଜି ବର୍ଗରେ ଜିତେନ୍ଦ୍ର ଅଗ୍ରୱାଲ (ବ୍ରୋଞ୍ଜ) ଓ ସ୍ୱସ୍ତିକ ସରକ୍ଷବ (ଗୋଲ୍ଡ ପଦକ) ପାଇ ବିଜୟୀ ହୋଇଛନ୍ତି। ଏହି ସମସ୍ତ ବିଜେତା ଛାତ୍ରଛାତ୍ରୀଙ୍କୁ କଳା ବିକାଶ କେନ୍ଦ୍ର ର ଅଭିଭାବକ ଓ ପରିଚାଳକ ମାନସ ସେଠୀଙ୍କ ତରଫରୁ ଭବ୍ୟ ସ୍ୱାଗତ୍ ଜଣେଇବା ସହ ଉତ୍ସାହିତ କରିଥିଲେ। ଆଗାମୀ ଭବିଷ୍ୟତରେ ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଯିବ ବୋଲି କୋଚ୍ ବଳରାମ ଦୁର୍ଗକ୍ଷ ପ୍ରକାଶ କରିଛନ୍ତି।

# ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆର ନିରାକରଣ




**କଲମପୁର, ୨୮।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ହାରାମାଲ ଗ୍ରାମ ପଞ୍ଚାୟତର ବ୍ରାହ୍ମଣ କେନ୍ଦୁଗୁଡା ଓ ଝରାବାହାଲୀ ଗ୍ରାମରେ ଗୁରୁବାର ଅପରାହ୍ନ ରେ ଆଶାକର୍ମୀ ଝସକେତନୀ ମାଝୀଙ୍କ ତତ୍ୱାବଧାନରେ ଦୁର୍ଗମ ଅଞ୍ଚଳରେ ପହଞ୍ଚି ମ୍ୟାଲେରିଆ ଆକ୍ରାନ୍ତରୁ କିପରି ଦୁରେଇ ରହିବେ ସେ ବିଷୟରେ ବୁଝେଇ ଥିଲେ। ଏହି ମ୍ୟାଲେରିଆ ନିବାକରଣରେ ଝରାବାହାଲୀ ଓ ବ୍ରାହ୍ମଣ କେନ୍ଦୁଗୁଡା ଗ୍ରାମରୁ ପ୍ରାୟ ୨୭୦ ଜଣଙ୍କ ପରୀକ୍ଷା ହୋଇଥିବା ବେଳେ ଏଥିରୁ ଜଣକର ମଧ୍ୟ ପଜିଟିବ ବାହାରିନଥିଲା। ଏହି ପରିପ୍ରେକ୍ଷୀରେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ହେମନ୍ତ କୁମାର ସଗଡ଼ିଆ, ଏମପିଏଚଏସ ଭବାନୀ ସୁନାନୀ, ହେଲଥ ୱାର୍କର୍ ଆଦିତ୍ୟ ମାଝୀ ଏଲଟି ବସନ୍ତ କୁମାର ନିଆଲ ଉପସ୍ଥିତ ଥିବାବେଳେ ବ୍ରାହ୍ମଣ କେନ୍ଦୁଗୁଡା ଅଙ୍ଗନବାଡି କେନ୍ଦ୍ରର ସହାୟିକା କୌଶଲ୍ୟା ରାଉତ ଓ ଉମାକାନ୍ତ ମାଝୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଜିଠୁ ଗୁରୁକୁଳ ହରିପୁରର ଚତୁର୍ଦ୍ଦଶ ବାର୍ଷିକ ମହୋତ୍ସବ

**ନୂଆପଡ଼ା, ୨୮।୧୨ (ସମିସ):** ସଂସ୍କୃତ-ସଂସ୍କୃତି-ସଂସ୍କାରର ତ୍ରିବେଣୀ ସଙ୍ଗମ ଗୁରୁକୁଳ ହରିପୁର, ଜୁନାନୀ, ନୂଆପଡ଼ାର ତ୍ରିଦିବସୀୟ ବାର୍ଷିକ ମହୋତ୍ସବ ତା ୨୯, ୩୦, ୩୧ରିଖ ଡିସେମ୍ବରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆଗତ ସାଧୁସନ୍ଥ, ବିଦ୍ୱାନ୍ ତଥା ସହସ୍ରାଧିକ ଯଜ୍ଞପ୍ରେମୀ ସଜ୍ଜନଙ୍କ ଉପସ୍ଥିତିରେ



ସମ୍ପନ୍ନ ହେବାକୁ ଯାଉଛି। ଉତ୍ସବର ପ୍ରଥମ ଦିବସରେ ଓମ୍ ଧ୍ୱଜା ଉତ୍ତୋଳନ ସହିତ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଉତ୍ସବର ଶୁଭ ଉଦଘାଟନ, ଦେବଯଜ୍ଞ, ଦେଶପ୍ରେମ ଏବଂ ପ୍ରେରଣାଦାୟୀ ଆଧ୍ୟାତ୍ମିକ ବୈଦିକ ପ୍ରବଚନ ଆଦି କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ଦିବସରେ ଗୁରୁକୁଳୀୟ ଶାସ୍ତ୍ର ଓ ଶସ୍ତ୍ର ବିଦ୍ୟାରେ ପାରଙ୍ଗମ ବ୍ରହ୍ମଚାରୀ ମାନଙ୍କ ଦ୍ୱାରା ଅଷ୍ଟାଧ୍ୟାୟୀ, ଧାତୁପାଠ, ଦର୍ଶନ ଆଦି ଶାସ୍ତ୍ର ସ୍ମରଣ, ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସନ, ବ୍ୟାୟାମ, ପ୍ରାଣାୟାମ, ମଲ୍ଲଖମ୍ବ, ଦଣ୍ଡ ଚାଳନା, ଗଦା ଚାଳନା ଆଦି ଅଦ୍ଭୁତ ଚିତ୍ତାକର୍ଷକ ଶାରୀରିକ କଳା କୌଶଳ ପ୍ରଦର୍ଶନ ହେବ। ଉତ୍ସବର ତୃତୀୟ ଦିବସ ଅର୍ଥାତ୍ ସମାପନ ଦିବସରେ ଶ୍ରାବଣୀ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଚତୁର୍ବେଦ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ରହିଛି। ସେବା ଓ ପରୋପକାରରେ ଶତତ ସଂଲଗ୍ନ ଗୁରୁକୁଳ ହରିପୁର, ଡଲାର ଫାଉଣ୍ଡେସନ, କୋଲକତାର ସୌଜନ୍ୟରେ ୭୦୦ ସଂଖ୍ୟକ ନିର୍ଦ୍ଧନ, ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିବ।ପ୍ରକାଶ ଥାଉ କି, ଉଲ୍ଲିଖିତ ତିନିଦିନ ଧରି ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଜନତା ଜନାର୍ଦ୍ଦନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ବୋଲି ଗୁରୁକୁଳ ମୁଖ୍ୟ ଡ଼. ସୁଦର୍ଶନ ଦେବ ଆର୍ଯ୍ୟ ସୂଚନା ଦେଇଛନ୍ତି। ସ୍ଥାନୀୟ ଗୁରୁକୁଳ ମଣ୍ଡପରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସବୁ ସୂଚନା ଉପସ୍ଥାପନା କରିଥିଲେ।

# ଜାତୀୟ ନାଟକ ମହୋତ୍ସବ - ୨୦୨୩ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ ନାଟକ 'ସମାନ୍ତର' ଏବଂ 'ମଉଲା ଭାର୍' ମଞ୍ଚସ୍ଥ

**ଭବାନୀପାଟଣା, ୨୮ ।୧୨ (ସମିସ)**

କଳାହାଣ୍ଡି କଳାକାର ସଂଘ, ଭବାନୀପାଟଣା ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ '୧୩ତମ ଜାତୀୟ ନାଟକ ମହୋତ୍ସବ -୨୦୨୩' ଉଦ୍‌ଘାଟିତ ହୋଇଯାଇଛି। ଆଜିକାର ପ୍ରଥମ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସଂଯୁକ୍ତା ବେହେରା, ସମ୍ପାଦକ, ପ୍ରଗତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ର ଅଜୟ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଟ୍ୟଶିଳ୍ପୀ ନିମାଇଁ ଚରଣ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ପ୍ରଥମ ଦିବସରେ ମଞ୍ଚସ୍ଥ ହୋଇଥିଲା ରଙ୍ଗଭୂମି, ଭୁବନେଶ୍ୱର ର ନାଟକ 'ସମାନ୍ତର' ଏବଂ ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ ର ସମ୍ବଲପୁରୀ ନାଟକ 'ମଉଲା ଭାର୍'। ଅନୁଷ୍ଠାନ ଦ୍ୱାରା ପ୍ରଦର୍ଶିତ 'ସମାନ୍ତର' ନାଟକକୁ ପ୍ରଶାନ୍ତ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ ଏବଂ 'ମଉଲା ଭାର୍' ନାଟକକୁ ରାମାଶିଷ୍ ତ୍ରିପାଠୀ ରଚନା କରିଥିବାବେଳେ ସଞ୍ଜୟ କୁମାର ବେହେରା ନିର୍ଦ୍ଦେଶନା ଦେଇଥିଲେ। ଆଜି ଉଦ୍‌ଘାଟନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯୁବଶିଳ୍ପୀ ଆର୍ଯ୍ୟା ନାୟକ। ଏଥିରେ ସମ୍ପାଦକ ରିୟାଜ୍ ଖାନ୍, କୋଷାଧ୍ୟକ୍ଷ ରଣଜିତ ସିଂ, ଭୀମସେନ ସାହୁ, ଅବଦୁଲ୍ଲା ଖାନ, ଅଶୋକ କୁମାର ପାତ୍ର, ଆଲୋକ କୁମାର ସାହୁ, ବାବୁଲାଲ ଶର୍ମା, ବିଭୁରଞ୍ଜନ ପଣ୍ଡା, ବିରଞ୍ଚି ନାରାୟଣ ମୁଣ୍ଡ, ଦେବାଶିଷ ତ୍ରିପାଠୀ, ଧ୍ୟାନାନନ୍ଦ ପଣ୍ଡା, ହିତେଶ ଭୋଇ, ଜୟ ଶଙ୍କର ପଣ୍ଡା, କାହ୍ନୁ ଚରଣ ଗଉଡ, ମହମ୍ମଦ ବୁରହାନ୍, ରଞ୍ଜିତ ସିଂ, ଅନିଲ ବୈଠାରୁ, ନିମାଇ ଚରଣ ପାଣି, ପଦ୍ମନାଭ କୁମ୍ଭାର, ପ୍ରବୀଣ କୁମାର ଅଗ୍ରୱାଲ, ପ୍ରଦୀପ ଡି. ମାଝୀ, ଉମାକାନ୍ତ ବାଗ, ରାମେଶ୍ୱର ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ଶେଷଦେବ ମିଶ୍ର, ସୌରଭ ମହାପାତ୍ର, ଶୁଭେନ୍ଦୁ ମହାପାତ୍ର, ତରୁଣ ମହାପାତ୍ର, ତଥାଗତ ମିଶ୍ର, ତ୍ରିମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଜରାଜୀର୍ଣ୍ଣ ରାଜସ୍ୱ ବଙ୍ଗଳା ଏବଂ ପର୍ଯ୍ୟଟନ କୋଠାର ମରାମତି ଦାବି

**ଥୁଆମୁଳ ରାମପୁର,୨୮ ।୧୨(ସମିସ)**




କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ରାଜସ୍ୱ ବଙ୍ଗଳା ଏବଂ ପର୍ଯ୍ୟଟନ କୋଠା ଅବହେଳିତ। ଏହି ରାଜସ୍ୱ ବଙ୍ଗଳା ରାଜରାଜୁଡା ଅମଳରେ ଡାକ ବଙ୍ଗଳା ଭାବରେ ବ୍ୟବହୃତ ହେଉଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ଅଧୀନକୁ ଚାଲିଯାଇଥିଲା। ସରକାରୀ ବାବୁ ହୁଅନ୍ତୁ କିମ୍ବା ଯେକୌଣସି ନେତା ରାଜନେତା ଏଠାକୁ ଆସିଲେ ଏହି ବଙ୍ଗଳାରେ ରହୁଥିଲେ। ହେଲେ ବର୍ତ୍ତମାନ ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ରାଜସ୍ୱ ବଙ୍ଗଳାର ରକ୍ଷଣା ବେକ୍ଷଣ ଗ୍ରାମ୍ୟଉନ୍ନୟନ ବିଭାଗ ଭବାନୀପାଟଣା ଅଧୀନରେ ରହିଛି। ଥୁଆମୁଳ ରାମପୁରରେ ଏକ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ସହ ତହସିଲ, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ୟାଙ୍କ, ବନ ବିଭାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିଙ୍କ କାର୍ଯ୍ୟାଳୟ ରହିଛି। ଆଦିବାସୀ ଅଧୁଷିତ ବ୍ଲକ ହେଇଥିବାରୁ ବହୁ ସମୟରେ ଜିଲ୍ଲା ତଥା ରାଜ୍ୟସ୍ତରୀୟ ବହୁ ଅଧିକାରୀ ଓ ରାଜନେତାଙ୍କ ଆଗମନ ହେଇଥାଏ। ତେବେ ସେମାନଙ୍କ ରହିବା ପାଇଁ ଏଠାରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ, ଯେକେହି ଅଧିକାରୀ ଅଥବା ନେତା ମନ୍ତ୍ରୀ ଆସିଲେ ଏହି ରାଜସ୍ୱ ବିଭାଗ ଅଧୀନରେ ଥିବା ରାଜସ୍ୱ ବଙ୍ଗଳାର ସହାୟତା ନେଇଥାନ୍ତି।କିନ୍ତୁ ଏହି ବଙ୍ଗଳାର ଅବସ୍ଥା ଏବେ ଜରାଜୀର୍ଣ୍ଣ ଭୂତକୋଠି ପାଲଟିଛି। ସେହିପରି ଫୁର୍ଲି ଝରନ, ଜାକମ, କର୍ଲାପାଟ ଅଭୟାରଣ୍ୟ, ଇନ୍ଦ୍ରାବତୀ ନଦୀର ଉତ୍ପତ୍ତିସ୍ଥଳ, ଇନ୍ଦ୍ରାବତି ଜଳଭଣ୍ଡାର,ଥୁଆମୂଳ ରାମପୁର ନିକଟ ହାଲୋ ପଏଣ୍ଟ, ଦେରଗୁଡାର ଘୁମର ଜଳପ୍ରପାତ ସମେତ ବଲଙ୍ଗି ନିକଟ ସିନ୍ଦେର ଝରନ,କାଣିଗୁମା ନିକଟ କିଆଙ୍ଗ,କର୍ଲାପାଟର କୁଆଙ୍ଗ ଏବଂ ଖମାରପଦର ନିକଟ ବଡ ସିନ୍ଦେର ଝରନ୍ ଭଳି ଅନେକ ପ୍ରାକୃତିକ ଜଳପ୍ରପାତ ସବୁ ରହିଥିବାରୁ ବହୁ ପର୍ଯ୍ୟଟକଙ୍କ ମଧ୍ୟ ଆଗମନ ହେଇଥାଏ। ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ଜିଲ୍ଲା ତଥା ଜିଲ୍ଲା ବାହାର ଓ ଏପରିକି ରାଜ୍ୟ ବାହାରର ପ୍ରକୃତି ପ୍ରେମୀ ଏହି ଇଲାକକୁ ଆସିଥାନ୍ତି ଏଠିକାର ପର୍ଯ୍ୟଟନ ସ୍ଥଳୀ ବୁଲିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ବଣଭୋଜିର ଆନନ୍ଦ ଉଠାଇଥାନ୍ତି। ଏଠାରେ ରାତ୍ରି ଯାପନ କରିବାକୁ ହେଲେ ରହିବା ପାଇଁ କୌଣସି ସୁବିଧା ନାହିଁ। ପର୍ଯ୍ୟଟକ ମାନେ ଏହି ଅଞ୍ଚଳକୁ ଆସିଲେ ତୁରନ୍ତ ଏଠାରୁ ଫେରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଫଳରେ ପର୍ଯ୍ୟଟନର ବିକାଶରେ ଅଞ୍ଚଳର ଯେଉଁ ବିକାଶର ସ୍ୱପ୍ନ ରହିଛି ତାହା ବାଟବଣା ହୋଇ ରହିଯାଇଛି। ତେବେ ପର୍ଯ୍ୟଟନ କ୍ଷେତ୍ର ଓ ଏହାର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ ଦେଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।କିନ୍ତୁ ଏସବୁର ତତ୍ତ୍ୱାବଧାନରେ ଅବହେଳା ଯୋଗୁଁ ବିପର୍ଯ୍ୟସ୍ତ ହୋଇପଡିଛି ଅନେକ ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟନ ପ୍ରକଳ୍ପ। ପ୍ରକୃତିର ବଣପାହାଡ ଘେରା ଏହି ଅଞ୍ଚଳରେ ଭରି ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସମ୍ଭାରର ଉପହାର। ଏଠାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। କିନ୍ତୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ନିମନ୍ତେ କୌଣସି ବ୍ୟବସ୍ଥା ନଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୯୫ ମସିହାରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ ସରକାରଙ୍କ ଅନୁଦାନରୁ ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଏକ ପର୍ଯ୍ୟଟନ ପ୍ରକଳ୍ପ କୋଠା ନିର୍ମାଣ କରାଇଥିଲେ।ଏହାର ଶୁଭ ଉଦ୍‌ଘାଟନ ହୋଇ ଆଜକୁ ୨୮ ବର୍ଷ ବିତିଯାଇଛି। ହେଲେ ଏହା ଯେଉଁ ଉଦ୍ଦେଶ୍ୟ ନେଇ ନିର୍ମାଣ କରାଯାଇଥିଲା ତାହା ତ ହୋଇ ପାରିଲାନି ଏପରିକି ଏହି ସମ୍ପୃକ୍ତ ବିଭାଗର ବୈମାତୃକ ମନୋଭାବ ଓ ତତ୍ତ୍ୱାବଧାନର ଅବହେଳା ଯୋଗୁଁ ଆଜି ଭଗ୍ନ ଅବସ୍ଥାରେ ପଡିରହିଛି ଏହି ପ୍ରକଳ୍ପ। ଶେଷରେ ଏହି କୋଠା ଆଜି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଏହାର ଚାରିପଟ ବଣବୁଦାରେ ପରିପୂର୍ଣ୍ଣ।ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ତଥା ଅଞ୍ଚଳର ବିକାଶ ପାଇଁ କୋଟିକୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ଏଗୁଡିକର ପୁନରୁଦ୍ଧାର ନିମନ୍ତେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନଦେବା ବିଡମ୍ବନାର ବିଷୟ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସୁଦୃଢ ମରାମତି କରି ବ୍ୟବହାର ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି।

# ଓଢ଼ଣୀ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ବେହେରା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କୋକସରା ଥାନା ଅନ୍ତର୍ଗତ ମାଳପଡା ଗ୍ରାମର ଜଣେ ଯୁବତୀ ବେକରେ ଓଢଣୀ ପକାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବତୀ ଜଣଙ୍କ ନାମ ପାର୍ବତୀ ଦୁର୍ଗା (୨୧)। ସେ ମାଳପଡା ଗ୍ରାମର ଭରତ ଦୁର୍ଗା ଓ ଗାୟତ୍ରୀ ଦୁର୍ଗାଙ୍କ ଝିଅ। ଯୁବତୀ ଜଣଙ୍କ ଗୁରୁବାର ସକାଳେ ଘରୁ ବାହାରି ଏକ ଚାଷ ଜମି ରେ ଥିବା ଗଛ ରେ ବେକରେ ଓଢଣୀ ଦେଇ ଝୁଲି ପଡ଼ିଥିଲେ। କିଛି ଲୋକ ଦେଖି ତୁରନ୍ତ ପରିବାର କୁ ଖବର ଦେବା ପରେ ପରିବାର ଲୋକେ ଦୌଡି ଆସି ଯୁବତୀ ଜଣକୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଖବରପାଇ କୋକସରା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

**କେସିଙ୍ଗା, ୨୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି କନଫରେନ୍ସ ହଲରେ ଏନ୍‌ଏସି ଅଧ୍ୟକ୍ଷ କୃପରାଜ ଯାଦବଙ୍କ ସଭାପତିତ୍ୱରେ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ,ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଓ ଅଞ୍ଚଳ ର ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ଆଦର୍ଶ ଥାନା ର ଅଧିକାରୀ ମଧ୍ୟ ଯୋଗଦେଇ ଥିଲେ। ଜାନୁଆରୀ ୬ ତାରିଖରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କଳାହାଣ୍ଡି ଉତ୍ସବ କିପରି ଶାନ୍ତି ଶୃଙ୍ଖଳା ସହିତ ପାଳନ କରାଯିବ ସେଥିପାଇଁ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ରାଏ ନିଆଯିବା ସହିତ ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୧୦ ଓ ୧୧ ଦୁଇ ଦିନ ଧରି ବିଦ୍ୟାପୀଠ ଖେଳ ପଡିଆ ପ୍ରାଙ୍ଗଣରେ କଳାହାଣ୍ଡି ଉତ୍ସବ ୨୦୨୪ ପାଳନ କରାଯିବ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ କର୍ଯ୍ୟନିର୍ବାହି ଅଧିକାରୀ କିରଣ ବେହେରା, ପୂର୍ବତନ ନଗର ପାଳ ସରିତା ସିନ୍ଦୂର, ଗୋବିନ୍ଦ ବନଛୋର, ରମେଶ ପଟ୍ଟନାୟକ, ଚନ୍ଦ୍ରଶେଖର ଆଚାରି ଓ ସମସ୍ତ କାଉନସିଲର ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

● କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ସବ୍‌କମିଟିର ପ୍ରସ୍ତୁତି ବୈଠକ

# ୭ରେ ହେବ ନୌଚାଳନା ଏବଂ ତୀର ଚାଳନା ପ୍ରତିଯୋଗିତା

**ଥୁଆମୂଳ ରାମପୁର,୨୮ ।୧୨(ସମିସ):** ସ୍ଥାନୀୟ ଥୁଆମୁଳ ରାମପୁର ବ୍ଲକ ସଭାଗୃହରେ ୨୬ ତମ ଜିଲ୍ଲାସ୍ତରୀୟ ନୌ ଚାଳନା ଓ ତୀର ଚାଳନା ପ୍ରତିଯୋଗିତା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଥୁଆମୁଳ ରାମପୁର ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଉତ୍ସବ ନୌ ଚାଳନା ଓ ତୀର ଚାଳନା ପ୍ରତିଯୋଗୀତା ସବ୍ କମିଟିର ଅଧ୍ୟକ୍ଷ ପଦ୍ମ କିଶୋର ପୁଝାରୀଙ୍କ ଉପସ୍ଥିତିରେ ଆଗାମୀ ଜାନୁଆରୀ ୭ ତାରିଖ ଦିନ ମହୁଲପାଟଣା ଅନ୍ତର୍ଗତ କେନ୍ଦୁଗୁଡା ଇନ୍ଦ୍ରାବତୀ ଜଳଭଣ୍ଡାର ଠାରେ ଏହି ପ୍ରତିଯୋଗିତା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆୟୋଜିତ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଯୋଗୀମାନେ କିପରି ଭାଗ ନେଇ ପାରିବେ ସେଥିପାଇଁ ପ୍ରଚାର ପ୍ରସାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିଯୋଗିତା ସ୍ଥାନରେ ବିଭିନ୍ନ ବିଭାଗର ଷ୍ଟଲ ଏବଂ ଏକ ସିକେଲସେଲ ପରୀକ୍ଷଣ ଶିବିର ଆୟୋଜନ ପାଇଁ ମଧ୍ୟ ଯୋଜନା କରାଯାଇଛି। ସ୍ଥାନଟିକୁ ଉତ୍ସବମୁଖର କରିବା ପାଇଁ ଥୁଆମୁଳ ରାମପୁର ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସ୍କୃତିକ ଦଳକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଷମଗିରି, ଥୁଆମୁଳ ରାମପୁର, ମହୁଲପାଟଣା, ଗୋପାଳପୁର କନ୍ୟାଶ୍ରମ, ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଗ୍ରାମ ବିକାଶ ଶିକ୍ଷା ନିକେତନର ନୃତ୍ୟ ଦଳକୁ ସୁଯୋଗ ଦେବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ତହସିଲଦାର କବିରାଜ ପ୍ରଧାନ, ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀତିଶ ଝା, ଜିଲ୍ଲା ମତ୍ସ୍ୟ ଅଧିକାରୀ କଳାହାଣ୍ଡି, ଅଗ୍ନିଶମ କାର୍ଯ୍ୟାଳୟର ହାବିଲଦାର ସୁନୀଲ ବେହେରା, ବ୍ଲକ ଜନ ମଙ୍ଗଳ ଅଧିକାରୀ ସ୍ୱାଇଁ ବାବୁ, ସିଡିପିଓ, ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, ପୁଲିସ ବିଭାଗର କର୍ମଚାରୀ, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ,ସ୍ଥାନୀୟ ଏମ୍.ଏମ୍.ପି.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନାଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦଣ୍ଡପାଟ ଧନୁଯାତ୍ରାର ଚତୁର୍ଥ ଦିବସ

**ବେହେରା,୨୮ ।୧୨ (ସମିସ):** ଦଣ୍ଡପାଟର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଦଣ୍ଡପାଟ ଧନୁଯାତ୍ରା ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନରେ ଭଗବାନ ଶ୍ରୀକୃଷ୍ଣ ବଳରାମଙ୍କ ହସ୍ତରେ କଂସଙ୍କ ପ୍ରେରିତ ପୁତନା ରାକ୍ଷସୀ ସମେତ ଷଡ଼ମଲ୍ଲଙ୍କ ସଂହାର ହୋଇଥିବା ବେଳେ ଗୋପପୁରରେ ଏବେ ଦେଖାଦେଇଛି ଉତ୍ସବର ମାହୋଲ। ସେହିପରି ମଧୁରା ନଗରୀ କଂସଙ୍କ ରାଜଦ୍ୱରେ ଥର ହର ହୋଇପଡ଼ିଥିବା ବେଳେ ଦୈବବାଣୀରେ ଚିନ୍ତିତ ମହାରାଜା କଂସ ମୁକ୍ତେଶ୍ୱର ବାବାଙ୍କ ଠାରେ ରୁଦ୍ରାଭିଷେକ କରିଛନ୍ତି। ଧନୁଯାତ୍ରାର ଚତୁର୍ଥ ଦିବସରେ ରାକ୍ଷସୀ ଭଗିନୀ ପୁତନା ନିଜ ସ୍ତନରେ ମାୟାବଳରେ ଉକ୍ରଟ ବିଷକୂଟ ଭର୍ତ୍ତି କରି ଶିଶୁ କୃଷ୍ଣଙ୍କୁ ସ୍ତନ୍ୟପାନ କରେଇବା ପାଇଁ ଉଦ୍ୟମ କରିବା ବେଳେ କୃଷ୍ଣ କ୍ଷୀର ସଙ୍ଗେ ପୁତନାର ପ୍ରାଣଶୋଷି ମଥୁରା ନରେଶ ମାମୁଁ କଂସଙ୍କର କପଟ ଖଣ୍ଡନ କରିଥିଲେ। ଏହି ଦୃଶ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପରେ କଳାହାଣ୍ଡି ଯୁବ ଓଡିଶା ନବୀନ ଓଡିଶାର ସଂଚାଳକ ବଦ୍ରୀ ନାରାୟଣ ପଟ୍ଟନାୟକ, ସମ୍ମାନୀୟ ଅତିଥି ରୂପରେ ଧର୍ମଗଡ଼ ଏନଏସି ଉପାଧ୍ୟକ୍ଷା ମୋନିଶା ମିଶ୍ର, ସମାଜସେବୀ ବିବେକ ମିଶ୍ର, ମୁଷାପାଲି ସରପଞ୍ଚ ଅକ୍ଷୟ ନାଏକ, ଅଧ୍ୟାପକ ଅକ୍ଷୟ କୁମାର ପଟନାୟକ ପ୍ରମୁଖ କଂସ ଦରବାରରେ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ରଖିଥିଲେ। କ୍ଷୀରସିନ୍ଧୁ ବାଣୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ନ୍ୟାସନାଲ କଲେଜରେ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା

**ନୂଆପଡ଼ା,୨୮ ।୧୨(ସମିସ):** ସ୍ଥାନୀୟନ୍ୟାସନାଲ କଲେଜରେ ଆଜିକୁ ଦୀର୍ଘ ମାସେ ଧରି ଚାଲିଥିବା ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିବାବେଳେ କ୍ରୀଡା ଓ ଖେଳ କୁଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧକ୍ଷ ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, କ୍ରୀଡା ସଂସଦର ଉପସଭାପତି ନନ୍ଦିନୀ ମଞ୍ଜରୀ ହୋତା, ଅଧ୍ୟାପକ ବୈଦ୍ୟନାଥ ଗଡତିଆ, ମମତା ପଟ୍ଟନାୟକ, ଡ. ପ୍ରତିଭା ପ୍ରଣତି ପଣ୍ଡା, ଡ.ମୀନାକ୍ଷୀ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟିକୁ କ୍ରୀଡା ଶିକ୍ଷକ ପ୍ରକାଶ କୁମାର ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗୀତା ହୋଇଥିଲା। ଏଥିରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ ରାଉତ, ବାଦଲ ବେହେରା, ରାଜୁ ହେର୍ଣ୍ଣା, ଦିଲିପ ପୋଢ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶିବ ପ୍ରସାଦ ସା, ଗୋପୀଗୋପାଳ ସୁନା, ଯଶୋବନ୍ତ ଭୋଇ, ରବୀନ୍ଦ୍ର ସିଂ ମାଝୀ, ଅଭିଲାଶ ଚଲାନ, ମୁକେଶ ବାଗ, ସୀମା ବରିହା, ସୋନାଲ ଚନ୍ଦ୍ରକାର, ଲିଙ୍ଗରାଜ ବିଶି ପ୍ରମୁଖ ଯୋଗ ଦେଇ ସହଯୋଗୀତା କରିଥିଲେ।

● ନିମ୍ନମାନର ଅଖାବସ୍ତା ଯୋଗାଣ

# ପାକ୍ସ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ



**କେସିଙ୍ଗା, ୨୮ ।୧୨ (ସମିସ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ତୁଣ୍ଡଲା ପାକ୍ସ୍ ରେ ବିଭିନ୍ନ ମିଲରଙ୍କ ଦ୍ୱାରା ଚାଷୀ ଙ୍କୁ ଯୋଗାଇଥିବା ବସ୍ତା ଗୁଡ଼ିକ ଅତି ନିମ୍ନ ମାନର ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ମିଲର୍ ମାନଙ୍କ ତରଫରୁ ଖରାପ ଅଖା ବସ୍ତା ଯୋଗାଇ ଦିଆ ଯାଉଥିବାରୁ ଆଜି ଏହାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଯାଇଛି। ସୂଚନା ଅନୁସାରେ ତୁଣ୍ଡଲା ମଣ୍ଡିରୁ ସମୁଦାୟ ମୋଟ ୧୬୦୦୦ କୁଇଣ୍ଟାଲ୍ ଧାନ ଉଠାଇବା ପାଇଁ ୬ ଟି ଧାନ ମିଲକୁ ନିର୍ଦ୍ଦେଶ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୧୭୦୦ କୁଇଣ୍ଟାଲ ଧାନ ଉଠିଛି। ପ୍ରଥମେ ବେହେରା ଧାନ ମିଲରୁ ଆସିଥିବା ଅଖା ବସ୍ତା ଗୁଡ଼ିକ ଫାଟି ଯାଇଥିବାରୁ ତାହାକୁ ଫେରାଇ ଦିଆଯାଇଥିବା ବେଳେ ପୁନର୍ବାର ଆଜି ବେଟ୍ ରାଜ ଧାନ ମିଲରୁ ଆସିଥିବା ଅଖା ବସ୍ତା ଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଆଜି ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଯାଇଥିଲା। ଏହାର ଫଳ ସ୍ୱରୂପ ଚାଷୀ ମାନେ ପାକ୍ସ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଅଖା ବସ୍ତା ଗୁଡ଼ିକରେ ପେଟ୍ରୋଲ ମଧ୍ୟ ଢାଳି ଦେଇଥିବା ଦେଖାଯାଇଥିଲା। କିଛି ସମୟ ପରେ ଅନ୍ୟ ଏକ ମିଲ୍‌ରୁ ବସ୍ତା ଆସିଥିଲା।

# ଅମୃତ ମାତୃପିତୃ ସେବା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର,୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ ନେହେଲା ଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଆନୁକୂଲ୍ୟରେ ଅମୃତ ମାତୃ ପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ନାଏବ ସରପଂଚ ରାଜକୁମାରୀ ସୁନାନୀଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡା. ଅସିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ କୁଳଦୀପ ଗୁପ୍ତା, ରାଜୁ ଅଗ୍ରୱାଲ, ଯୁବ ସଂଗଠକ ସଂଜୀବ ଠାକୁର, ବିଧାୟକ ପ୍ରତିନିଧି ମାଣିକ୍ୟ ନାଏକ, ଗୋବିନ୍ଦ ପ୍ରଧାନୀ, କପିଳାସ ନାଏକ ପ୍ରମୁଖ କରିଥିଲେ। ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଗରିବ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଂଗ ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି।

# ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକଙ୍କୁ ସମ୍ବର୍ଦ୍ଧନା



**ନୂଆପଡା,୨୮ ।୧୨(ସମିସ):** ସ୍ଥାନୀୟ ଜିଲ୍ଲା ଯାଦବ ସମାଜ ଭବନଠାରେ ନୂଆପଡା ବ୍ଲକ ଯାଦବ ସମାଜ ତରଫରୁ ନବନିଯୁକ୍ତ ଆମ ଓଡିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ ରାମଲାଲ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି କୃଷ୍ଣ ଖର୍ସେଲ ସଭାପତିତ୍ୱ କରିଥିବାବେଳେ ସଂପାଦକ ଜୋହନ ରାଉତ, କୋଷାଧ୍ୟକ୍ଷ ଜଗତ ଛତ୍ରିଆ, ସମୀକ୍ଷକ ଲାଲ ସିଂ ରାଉତ, ନୂଆପଡା ଏନଏସି ସଭାପତି ମହେଶ ନିଆଲ, ଟାନୱାଟ ସଭାପତି ନେପାଲ ଖର୍ସେଲ, କୋଦୋମେରୀ ସଭାପତି ଆସକରନ ରାଉତ, କୁଲିହାବନ୍ଧା କେନ୍ଦ୍ର ସଭାପତି ବାବୁଲାଲ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନବୀନ ପଟ୍ଟନାୟକ, ନବୀନ ଓଡିଶା ରାଜ୍ୟ ସଭାପତି ଯାଦବ ସମାଜର ଜଣେ ଆଗ ଧାଡିର ଲଢୁଆ କର୍ମୀଙ୍କୁ ଜିଲ୍ଲା ସଂଯୋଜକ ଭାବେ ଦାୟୀତ୍ୱ ଦେଇଥିବାରୁ ସମାଜ ତରଫରୁ ସମସ୍ତ ସାଧୁବାଦ ଜଣାଇଥିଲେ। ରାମଲାଲ ଜଣେ ସମାଜ ସଂଗଠକ ଏବଂ ସମାଜ ସେବାରେ ସବୁବେଳେ ବ୍ରତୀ ରହିଆସିଛନ୍ତି। ସେ ନିହାତି ଭାବେ ଜିଲ୍ଲାର ଅଗ୍ରଗତି ସକାଶେ ସମର୍ପିତ ଭାବେ କାମ କରିବେବୋଲି କହିଥିଲେ। ଅନ୍ୟପକ୍ଷେ ରାମଲାଲ ହଂସ ମଧ୍ୟ ଯାଦବ ସମାଜର ଅହରହ ସେବା କରିଆସିଛନ୍ତି। ଏହି ସମାଜ ତାଙ୍କୁ ଏକ ପରିଚୟ ଦେଇଛି ବୋଲି କହିଥିଲେ। ସରକାର ତାଙ୍କୁ ଏକ ଗୁରୁଦାୟିତ୍ୱ ଦେଇଛନ୍ତି। ନିହାତି ଭାବେ ଭଲ କାମ କରିବେ ବୋଲି କହିଥିଲେ। ସେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**କୋକସରା,୨୮ ।୧୨(ସମିସ) :** ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ "ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ କୋକସରା ବ୍ଲକ ସଦର ମହକୁମାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାନ ଶିବିରରେ ମୋଟ୍ ୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଡାକ୍ତର ଦେବେନ୍ଦ୍ର ମାଝୀ, ନିୟତୀ ପଣ୍ଡା, ଆଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ଜଗନ ଚନ୍ଦାନୀ, ସୁବ୍ରତ କୁମାର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଶିବିରରେ ରକ୍ତଦାନ କରିଥିବା ଛାତ୍ର ଛାତ୍ରୀ ବିମଳ କାନ୍ତ ସତନାମି, ଝଂଶି ରାଣୀ କେତକୀ, ଚାନକ୍ୟ ନାଏକ ରିମଝିମ୍ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ପ୍ରଧନି, ଦମୟନ୍ତୀ ବିଶି, ଶଶୀଭୂଷଣ ପ୍ରଧାନୀ ସମେତ ୨୭ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଭବାନୀପାଟଣା ରକ୍ତ ଭଣ୍ଡାରର ଏଲଟି ତେଜରାଜ ଦଣ୍ଡସେନା ଓ ରୁପେଶ ରଞ୍ଜନ ମୁଣ୍ଡ ରକ୍ତ ସଂଗ୍ରହ କରିଥିଲେ। ଏହାସହ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ମଞ୍ଚକୁ ଅଧ୍ୟାପକ ଐରୀ ନାଶନ ଚିନ୍ଦା ପରିଚାଳନା କରିଥିଲେ। କଲେଜର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡା/ଖଡ଼ିଆଲ,୨୮ ।୧୨(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଲ ମଡେଲ ଡିଗ୍ରୀ କଲେଜ ଠାରେ ଚାଲିଥିବା ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବରେ ଡ: ଫଣିନ୍ଦମ ସିଂଦେଓ, ଖଡିଆଳ ନିର୍ବାଚନ ମଣ୍ଡଳୀର ଛାତ୍ର ସଭାପତି ଜିକେ,ବାଗ ଓ ମୁଖ୍ୟବକ୍ତା ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟଗୀତ, କ୍ରୀଡା ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।



# ରେଢ୍ ଜଳସେଚନ ପ୍ରକଳ୍ପ ସମ୍ପ୍ରସାରଣ ଦାବିକଲେ ଚାଷୀ



**ନର୍ଲା, ୨୮ ।୧୨(ସମିସ) :** ଗୁରୁବାର କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ବିଭିନ୍ନ ସ୍ଥାନରେ ଚାଷୀ ଓ ସାଧାରଣ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ନର୍ଲା ନିକଟସ୍ଥ ଚିପୁଲ ନର୍ସରୀ ଠାରେ ଘଣ୍ଟମାଲ, ସର୍ଗିଗୁଡା, ମାଣ୍ଡେଲ, ନର୍ଲା, ଆଦି ପଞ୍ଚାୟତର ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀ ସମୁହ ରେଢ୍ ଜଳସେଚନ ପ୍ରକଳ୍ପକୁ ସମ୍ପ୍ରସାରଣ କଲେ ଆଗାମୀ ଦିନରେ ବ୍ଲକର ତଥା ନର୍ଲା ବ୍ଲକର ଆହୁରି ଅନେକ ପଞ୍ଚାୟତ ଜଳସେଚନର ସୁବିଧା ପାଇବା ସହ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାର ଉପକାର ପାଇବେ ବୋଲି ସାଂସଦଙ୍କୁ ଜଣାଇଥିଲେ। ନର୍ଲା ବ୍ଲକରେ ସ୍ଥାପିତ ହୋଇ ଥିଲେ ହେଁ ରେଢ୍ ଜଳସେଚନ ପ୍ରକଳ୍ପର ପର୍ଯ୍ୟାପ୍ତ ସୁବିଧା ନର୍ଲା ବ୍ଲକବାସୀ ପାଇ ପାରୁନଥିବା ଚାଷୀସମୁହ ସାଂସଦଙ୍କୁ ଜଣାଇଥିଲେ। ଚାଷୀଙ୍କ ସମସ୍ୟା ଅନୁଭବ କରି ସାଂସଦ ଏବିଷୟରେ ସରକାରୀ ସ୍ତରରେ ଉଦ୍ୟମ କରାଯିବ ଓ ରାଜ୍ୟ ସରକାର ସବୁ ସମୟରେ ଚାଷୀଙ୍କ ହିତ ପାଇଁ କାର୍ଯ୍ୟକ୍ରମ ଯୋଗାଇ ଆସିଛନ୍ତି। ଏବିଷୟରେ ମଧ୍ୟ ଚାଷୀଙ୍କ ଦାବି ଆନୁକୁଳ ସମାଧାନ ନିଶ୍ଚିତ କରାଯିବ ବୋଲି ପ୍ରକାଶ କରିଥିଲେ। ଗସ୍ତରେ ସାଂସଦଙ୍କ ସହ ବିଜେଡି ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ତଥା ରାଜ୍ୟ ସଂପାଦକ ଚିତ୍ତରଞ୍ଜନ ମଣ୍ଡଳ, ଉପସଭାପତି ଅଭୟ ଚାନ୍ଦ, ଦିଲିପ ନାଏକ, କୃଷକ ସଂଘ ସଭାପତି କୁମୁଦ ନାଏକ,ସାନ୍ତପୁର ପେକ୍ସ ସଭାପତି ତଥା ବ୍ଲକ ଆଦିବାସୀ ସଂଘ ସଭାପତି ରଣଜିତ ମାଝୀ, ବରିଷ୍ଠ ଚାଷୀ କପିକେତନ ନାଏକ,ମନୁ ପଧାନ, ଜମିନ ପଧାନ, ନରସିଂହ ଥାପା ପ୍ରମୁଖ ସାଂସଦଙ୍କ ସହ ଆଲୋଚନା କରିଥିଲେ। ପରେ ସାଂସଦ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ।

# ବାଲସି ମଣ୍ଡିରେ ପଡ଼ିରହିଛି ଶହ ଶହ କ୍ୱିଣ୍ଟାଲ ଧାନ

**କେସିଙ୍ଗା, ୨୮ ।୧୨ (ସମିସ)**



କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ପାକ୍ସ ଅଧିନରେ ୩ ଗୋଟି ଧାନ ମଣ୍ଡି ଖୋଲାଯାଇଛି। ହେଲେ ସେହି ଧାନ ମଣ୍ଡି ଗୁଡ଼ିକର ଅବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାଣ୍ଡେଲ ପାକ୍ସ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ମଣ୍ଡିରେ ପଡ଼ିଥିବା ଚାଷୀମାନଙ୍କ ଧାନ ସଠିକ ସମୟରେ ଉଠିପାରୁ ନଥିବା ବେଳେ ଗତ ଏକ ସପ୍ତାହରୁ ଅଧିକ ଦିନ ହେଲା ବାଲସି ଗ୍ରାମର ଅନେକ ଚାଷୀଙ୍କ ଶହ ଶହ କ୍ୱିଣ୍ଟାଲ ଧାନ ବାଲସି ଉପ ମଣ୍ଡିରେ ପଡିରହିଥିବା ଦେଖିବାକୁ ମିଳିଛି। ଚାଷୀ ନିଜେ ଶୀତ କାକରରେ ରାତିରେ ଜଗି ରହୁଥିବା ବେଳେ ଏଥିପ୍ରତି ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁ ନଥିବାରୁ ଚାଷୀମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନ କ୍ରୟ କରୁଥିବା କାଣ୍ଡେଲ ପାକ୍ସ ଅଧିକାରୀଙ୍କୁ ଚାଷୀମାନଙ୍କ ପକ୍ଷରୁ ଏବିଷୟରେ ଜଣାଉଥିଲେ ମଧ୍ୟ ସେ ପାତରଅନ୍ତର କରି ବେନିୟମ ଭାବେ ଅନ୍ୟ ସ୍ଥାନରୁ ଧାନ ଉଠାଉଥିବା ଅଭିଯୋଗ ହେଉଛି। ମଣ୍ଡିରେ ଧାନ କ୍ରୟ କରିବା ସମୟରେ କାଣ୍ଡେଲ ପେକ୍ସ ଅଧିକାରୀ ମିଲର୍ସ ଏଜେଣ୍ଟ ମାନଙ୍କ ସହିତ ମିଶି ଧାନ କ୍ରୟ କରିବାରେ ବ୍ୟାପକ ଭାବେ ଅନିୟମିତତା କରୁଥିବା ମଧ୍ୟ ଚାଷୀମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, କାଣ୍ଡେଲ ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ କାଣ୍ଡେଲ,ବାଲସି, ସିରୋଲ ଓ ପରଲସିଙ୍ଗା ପଞ୍ଚାୟତର ଚାଷୀମାନଙ୍କ ପାଇଁ କାଣ୍ଡେଲ, ସିରୋଲ ଓ ବାଲସି ଠାରେ ଧାନ ମଣ୍ଡି ଖୋଲାଯାଇଛି। ଯାହାକି କାଣ୍ଡେଲ ମଣ୍ଡିରେ କାଣ୍ଡେଲ ପଞ୍ଚାୟତର ସମସ୍ତ ଗ୍ରାମର ଚାଷୀ ଧାନ କ୍ରୟ ପାଇଁ ସପ୍ତାହର ସୋମବାର ଓ ମଙ୍ଗଳବାର ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ସିରୋଲ ଉପ ମଣ୍ଡିରେ ସିରୋଲ ଏବଂ ପରଲସିଙ୍ଗା ପଞ୍ଚାୟତର ଚାଷୀମାନଙ୍କ ଧାନ କ୍ରୟ ପାଇଁ ବୁଧବାର ଓ ଗୁରୁବାର ଏବଂ ବାଲସି ଉପ ମଣ୍ଡିରେ ବାଲସି ପଞ୍ଚାୟତର ସମସ୍ତ ଗ୍ରାମର ଚାଷୀମାନଙ୍କ ଧାନ କ୍ରୟ ପାଇଁ ଶୁକ୍ରବାର ଓ ଶନିବାର ଦିନ ଧାର୍ଯ୍ୟ ହୋଇଛି। ବାଲସି ପଞ୍ଚାୟତ ଉପ ମଣ୍ଡିରେ ବାଲସି ଏବଂ ମଶାଣିବନ୍ଧ ଗ୍ରାମରେ ଧାନ କ୍ରୟ କେନ୍ଦ୍ର କରାଯାଇଛି ହେଲେ କେବଳ ପାକ୍ସ ଅଧିକାରୀ ମଶାଣିବନ୍ଧ ଧାନ କ୍ରୟ କେନ୍ଦ୍ର କୁ ଯାଇ ମିଲର୍ସ ଏଜେଣ୍ଟ ସହିତ ସଲାସୁତରା ରଖି ସେଠାରୁ ବେନିୟମ ଭାବେ ଧାନ ଉଠାଇଥିବା ବେଳେ ବାଲସି ମଣ୍ଡିରେ ପଡ଼ିଥିବା ଅନେକ ଚାଷୀଙ୍କ ଧାନକୁ କିଣିବା ପାଇଁ ଆସୁନଥିବା ଅଭିଯୋଗ ହେଉଛି। ବାଲସି ଉପ ମଣ୍ଡିରେ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଗଲେ ଜୟ ଜଗନ୍ନାଥ କୃଷକ ସଂଗଠନ ତଥା ବାଲସି ଗ୍ରାମ ବିକାଶ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି।

## ବକପାଲି ପ୍ରାଥମିକ ବିଦ୍ୟାଳୟ ପାଚେରି ନିର୍ମାଣ ଦାବି

**ସାହାଜପାଲ, ୨୮।୧୨ (ସମିସ):** ବୌଦ୍ଧ ଜିଲ୍ଲା ବ୍ରାହ୍ମଣୀପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବକପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅର୍ଦ୍ଧ ସମ୍ପୂର୍ଣ ହୋଇ ପଡ଼ିଛି ପାଚେରୀ। ଏହି ପାଚେରୀ ଅର୍ଦ୍ଧ ସମ୍ପୂର୍ଣ ହୋଇ ପଡ଼ିଥିବା ଯୋଗୁଁ ସ୍କୁଲ ପରିସର ବୁଲା ଗାଇ ଗୋରୁ ମାନଙ୍କ ନିତିଦିନିଆ ଆବାସରେ ପରିଣତ ହୋଇଥିବା ବେଳେ ରାତ୍ରି ସମୟରେ ମଦୁଆଙ୍କ ଆ‡ାସ୍ଥଳି ପାଲଟିଛି। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏ ନେଇ ବାରମ୍ବାର ଉଚ୍ଚାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବିନା ଟେଣ୍ଡରରେ କଙ୍କଲା ମହାନଦୀ ଘାଟରେ ନୌକା ଚାଳନା

**ସାହାଜପାଲ, ୨୮।୧୨ (ସମିସ):** ବୌଦ୍ଧ ବ୍ଲକ ତାଳସରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଙ୍କଲା ମହାନଦୀ ଘାଟରେ ବିନା ଟେଣ୍ଡରରେ ହେଉଛି ନୌକା ଚାଳନା। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ପଞ୍ଚାୟତ ତରଫରୁ ଘାଟ, ହାଟ, ବନ୍ଧ ଟେଣ୍ଡର ହେବାକଥା। କିନ୍ତୁ ସେହିଭଳି ନହୋଇ ମନମୁଖୀ ଭାବେ ନୌକା ଚାଳନା କରାଯାଉଛି। ଡ଼ଙ୍ଗାରେ ଲୋକଙ୍କୁ ମହାନଦୀ ପାର କରାଯାଇ ବିପୁଳ ଅର୍ଥ ଆଦାୟ କରାଯାଉଥିବା ବେଳେ ପଞ୍ଚାୟତ ବା ସରକାରୀ ତହବିଲକୁ ଟଙ୍କାଟିଏ ମଧ୍ୟ ରାଜସ୍ୱ ଆସୁନାହିଁ। ଏ ବାବଦରେ ନୌକା ଚାଳନାରୁ ଅର୍ଥ ଆଦାୟ କରୁଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାରୁ ସରପଞ୍ଚଙ୍କ ମୌଖିକ ଆଦେଶରେ ସେ ଏହା କରୁଥିବା କହିଥିଲେ ଏବଂ ଯାହା ହେବ ସରପଞ୍ଚ ବୁଝିବେ ବୋଲି ତାଙ୍କୁ କହିଥିବା ସେ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ନଜର ଦେବା ପାଇଁ ସାଧାରଣରେ ଦାବୀ ହେଉଛି।

## ଗୁରୁମାଙ୍କ ଦେହାନ୍ତ

**ମନମୁଣ୍ଡା, ୨୮।୧୨ (ସମିସ):** ମନମୁଣ୍ଡାର ଆଦର୍ଶ ଶିକ୍ଷକ ଚିତ୍ତରଞ୍ଜନ ସାହୁଙ୍କ ଧର୍ମପତ୍ନୀ ଜୟନ୍ତୀ ସାହୁଙ୍କ ଆଜି ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ପ୍ରାୟ ୪୫ ବର୍ଷ ବୟସ ହେଉଥିଲା। ସେ ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ପଢ଼ାଉ ଥିଲେ ଏବଂ ଅନେକ ମହିଳା, ଯୁବତୀ ଙ୍କୁ ଆତ୍ମନିର୍ଭରଶିଳ ଓ ସ୍ୱାବଲମ୍ବୀ ହେବା ପାଇଁ ଟେଲରିଂ ତାଲିମ ଦେଉଥିଲେ। ତାଙ୍କ ସମସ୍ତ ଶିଷ୍ୟ, ଛାତ୍ରଛାତ୍ରୀ ତାଙ୍କୁ ଗୁରୁମା ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାର ହୋଇଯିବା ପରେ ଗ୍ରାମରେ ଓ ଜଣାଶୁଣା ମହଲ ରେ ଶୋକ ର ଛାୟା ଖେଳିଯାଇଛି। ମନମୁଣ୍ଡା ସ୍ୱର୍ଗଦ୍ୱାରରେ ତାଙ୍କ ଏକମାତ୍ର ପୁଅ ସର୍ବଦମନ ମୁଖାଗ୍ନି ଦେଇଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ଡୁଙ୍ଗୁରିପାଲି, ୨୮।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ପ୍ରଚାର କମିଟିର ସଦସ୍ୟ ତଥା ବ୍ଲକ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ନେହେରୁ, ଇନ୍ଦିରା, ପିଭିନରସିଂହରାଓଙ୍କ ସମୟରେ କଂଗ୍ରେସ ବିଭିନ୍ନ ଜନହିତକାର କାଯ୍ୟକ୍ରମ ଉପରେ ଶ୍ରୀ ମିଶ୍ର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଭୀଷ୍ମଦେବ ମଲ୍ଲିକ ବାଳକୃଷ୍ଣ ଦଣ୍ଡସେନା, ସୁରୁବାବୁ ନନ୍ଦ, ଜଗନ୍ନାଥ ତ୍ରିବେଦୀ, ବିକାଶ ଭୋଇ, ନେହେରୁ ସା, ରାଜେନ୍ଦ୍ର ନାଗ, ବସୁ ଖୁଣ୍ଟୁଲା, ନିରାକାର ଦଣ୍ଡସେନା, ସୁରୁ ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ, ୨୮।୧୨(ସମିସ):** ଜାତୀୟ କଂଗ୍ରେସ ଦଳର ୧୩୯ ତମ ପ୍ରତିଷ୍ଠା ଦିବସ ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ନିକଟସ୍ଥ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସ୍ମାରକୀ ପୀଠରେ କଂଗ୍ରେସର ଦଳୀୟ ପତାକା ଉତ୍ତୋଳନ କରା ଯାଇଥିଲା। ତତ୍ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ଦାବୀ ଗୁଡିକ ମଧ୍ୟରେ ଗମ୍ଭୀରା ଦରହ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ, ଜିଲ୍ଲାରେ କପାଚାଷୀଙ୍କ ପାଇଁ ମଣ୍ଡି ଖୋଲିବା ଏବଂ ସୂତାକଳ ସ୍ଥାପନ, ଜିଲ୍ଲାର ଭିତ୍ତିଭୂମିର ବିକାଶ ପାଇଁ ଦୁଇଟି ସବଡିଭିଜନ, ତିନିରୁ ୬ଟି ବ୍ଲକ, ୬୯ ରୁ ୧୨୧ଟି ନୂତନ ଗ୍ରାମପଞ୍ଚାୟତ ଗଠନ, ବୌଦ୍ଧ ଏନଏସିକୁ ତୁରନ୍ତ ମ୍ୟୁନସିପାଲଟି ମାନ୍ୟତା ସହିତ ମନମୁଣ୍ଡା, କଣ୍ଟାମାଳ ଏବଂ ପୁରୁଣାକଟକ-ଚାରିଛକକୁ ଏନଏସି ମାନ୍ୟତା ପ୍ରଦାନ, ଜିଲ୍ଲାରେ ଥିବା ୭ଗୋଟି ଥାନାକୁ ବୃଦ୍ଧି କରାଯାଇ ଶଗଡ଼ା, ବଘିଆପଡ଼ା ଓ ଆଡେଣିଗଡ଼ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ସହ ଦପଲା, ପଲସାଗୋରା, ମର୍ଜାକୁଦ, ଧଳପୁର, ବୀରନରସିଂହପୁର ଓ ମହାଲିକପଡ଼ା ଠାରେ ଫାଣ୍ଡି ସ୍ଥାପନ, ପୁରାତନ ଜଗନ୍ନାଥ ସଡକର ତୁରନ୍ତ ଉନ୍ନତିକରଣ, କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଏବଂ ବୌଦ୍ଧ ପଞ୍ଚାୟତ କଲେଜ ତଥା ମହିଳା ମହାବିଦ୍ୟାଳୟକୁ ସରକାରୀ ଘୋଷଣା ପ୍ରମୁଖ ରହିଛି। ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ର ବରିଷ୍ଠ ନେତା ସୁଧୀର କର୍ଣ୍ଣ, ଏଆଇସିସି ସଦସ୍ୟ ବିସ୍ମୟ ମହାପାତ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପ ସଭାପତି ସମରେଶ ମିଶ୍ରଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବନ୍ଧନ ସମିତି ବୈଠକ

**ବୌଦ୍ଧ, ୨୮।୧୨ (ସମିସ):** ବୌଦ୍ଧ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚଳିତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ପ୍ରବନ୍ଧନ ସମିତିର ଦ୍ୱିତୀୟ ବୈଠକ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ସମିତିର ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ସୁପରିଚାଳନା ପାଇଁ ଆବଶ୍ୟକ ପ୍ରସ୍ତାବ ଗୁଡିକ ଅଧ୍ୟକ୍ଷଙ୍କ ଦ୍ୱାରା ସମିତି ସମ୍ମୁଖରେ ଆଲୋଚନା ପାଇଁ ଉପସ୍ଥାପିତ ହୋଇଥିଲା। ବୈଠକରେ ବିଦ୍ୟାଳୟ ପ୍ରବନ୍ଧନ ସମିତିର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଗୁଡିକର ଆଶୁ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରି ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉପ-ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁର, ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରତିନିଧି, ଅଭିଭାବକ ମିନକେତନ ଦାସ ଓ ଶିକ୍ଷକ ଶ୍ରୀନିବାସ ହାତୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୁହୁଡି ହେଲା କାଳ
# ଟ୍ରକ୍‌କୁ ଧକ୍କା ଦେଲା ପିକ୍‌ନିକ୍ ବସ୍

**ସୋନପୁର, ୨୮।୧୨ (ସମିସ)**

ସକାଳୁଆ ଘନ କୁହୁଡିରେ ଯାତ୍ରା କରିବା ବିପଦଜନକ ସାବ୍ୟସ୍ତ ହୋଇଛି। ଠିକ୍ ଭାବେ ଦେଖାଯାଉ ନଥିବାରୁ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛପଟୁ ଏକ ପିକନିକ୍ ବସ୍ ଧକ୍କା ଦେଇଥିଲା।




ଫଳରେ ବସରେ ଥିବା ଏକ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ୮ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ସହରର ଏକ ଘରୋଇ କମ୍ପ୍ୟୁଟର

**୮ ଛାତ୍ରଛାତ୍ରୀ ଆହତ, ୨ ଗୁରୁତର**

ଏକାଡ଼େମୀର ଛାତ୍ରଛାତ୍ରୀମାନେ କୋରାପୁଟ ଜିଲ୍ଲା ଦେଓମାଳିକୁ ଭୋଜି କରିବାକୁ ଯାଇଥିଲେ। ଗୁରୁବାର ଭୋର ସକାଳୁ ଭୋଳାନାଥ ନାମକ ଘରୋଇ ବସରେ ଛାତ୍ରଛାତ୍ରୀ ମାନେ ପିକନିକ୍ ସାରି ସୋନପୁର ଫେରୁଥିଲେ। ତେବେ ଫେରିବା ବେଳେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଖମ୍ବେଶ୍ୱରୀପାଲି ହରଡ଼ଖୋଲ ମଝି କଦମତଳ ନିକଟରେ ଛିଡା ହୋଇଥିବା ଏକ ଟ୍ରକକୁ ପଛ ପଟୁ ଉକ୍ତ ପିକନିକ୍ ବସଟି ଧକ୍କା ଦେଇଥିଲା। ଦୁର୍ଘଟଣାରେ ୮ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇ ଯାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାମାନ୍ୟ ଆହତମାନଙ୍କ ଚିକିତ୍ସା ଜାରି ରହିଛି। ଦୁଇ ଜଣ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବସ୍‌ରେ ମୋଟ ୪୫ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି।

## ■ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ନିର୍ଯାତନା ମାମଲା
# ପ୍ରତିରୋଧ, ନିଷେଧାଦେଶ ଓ ନିବାରଣ ଆଇନ ନେଇ ତାଲିମ

**ସୋନପୁର, ୨୮।୧୨ (ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ନିର୍ଯାତନାର ପ୍ରତିରୋଧ, ନିଷେଧାଦେଶ ଏବଂ ନିବାରଣ ଆଇନ -୨୦୧୩' ସମ୍ବନ୍ଧରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ ସଭାପତିତ୍ୱ କରି ଏହି ଆଇନର କାର୍ଯ୍ୟକାରିତାକୁ ଜିଲ୍ଲାର ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ କାର୍ଯ୍ୟାଳୟରେ ଆଇନକୁ ସୁନିଶ୍ଚିତ କରିବା ନିମନ୍ତେ ଆଇସିସି/ ଏଲସିସି ଗଠନକୁ ୭ ଦିନ ମଧ୍ୟରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଛନ୍ତି ଓ ଏହି ଆଇନକୁ ପ୍ରତ୍ୟେକ ବିଭାଗ କଡାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହିତ ଏହାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁମୁଦିନୀ ମୁଦୁଲି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯୋଗଦାନ କରି କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ନିର୍ଯାତନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଆମର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଛନ୍ତି। ତାଲିମ




କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ଆଇନ ପ୍ରଣୟନର ଲକ୍ଷ୍ୟ, ଆଭିମୁଖ୍ୟ ଓ ସାମ୍ପ୍ରତିକ ସ୍ଥିତିରେ ଏହାର ଆବଶ୍ୟକତାର ଉପସ୍ଥାପନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଟେକ୍ସନ ଅଧିକାରୀ ଅନିତା ଗୁରୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ସଞ୍ଜୀବ ମିଶ୍ର, ଜିଲ୍ଲା ବାଲ୍ୟ ବିବାହ ନିରାକରଣ ସଂଯୋଜକ ଅକ୍ଷୟ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ କୋଚିଙ୍ଗ କେନ୍ଦ୍ରର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ସମସ୍ତ ସିଡିପିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେ?ୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

## ଅଧ୍ୟାପକ ଦମ୍ପତିଙ୍କୁ ସାରସ୍ୱତ ସମ୍ମାନ

**ସୋନପୁର, ୨୮।୧୨ (ସମିସ):** କର୍ମବୀର ଗୌରୀଶଙ୍କର ଟାଉନ ହଲ କଟକ ଠାରେ ଅନୁଷ୍ଠିତ ୪୭ତମ ରାଜ୍ୟସ୍ତରୀୟ ସାରସ୍ୱତ କବି ଲେଖକ ସମ୍ମିଳନୀରେ ସାହିତ୍ୟ ସର୍ଜନା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ଅଧ୍ୟାପକ ଦଂପତି ସମ୍ବର୍ଦ୍ଧିତ ହୋଇଛନ୍ତି। କଟକ ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, କଟକ ପୂଜ୍ୟ ପୂଜା ପରିଷଦ, ଅଗ୍ନି ସ୍ଫୁଲିଙ୍ଗ ରାଉରକେଲା ଓ ଚିନ୍ମୟ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ସମାରୋହ



ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ ସାରସ୍?ତ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନେତା ପ୍ରସନ୍ନ ପାଟ୍ଟସାଣୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାରସ୍ୱତ ପ୍ରତିଭାକୁ ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ବାର୍ଷିକ ମାଗାଜିନ୍ ସାହିତ୍ୟ ବହି ମନସ୍ୱିନୀର ସମ୍ପାଦକ କବି ସାରଥୀ ଡ. ଗିରିଜା ଶଙ୍କର ଚନ୍ଦନ ମହାପାତ୍ର ମଞ୍ଚାସୀନ ହୋଇ ସାହିତ୍ୟ ସଂସ୍କୃତିର ସାମଗ୍ରିକ ବିକାଶ ପାଇଁ ସତତ ଚେଷ୍ଟିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ରାଜ୍ୟ ସ୍ତରୀୟ ସାରସ୍ୱତ ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ବୀରମହାରାଜପୁର ନିବାସୀ ଅଧ୍ୟାପକ ସୁବ୍ରତ ପଣ୍ଡା ଏବଂ ତାଙ୍କ ଧର୍ମପତ୍ନୀ ସନ୍ତୋଷିନୀ ନାୟକଙ୍କୁ ଯୁଗଳବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ଚାରିଆଡୁ ଦଂପତିଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ସଚେତନ ନାଗରିକଙ୍କ ପକ୍ଷରୁ ଦାବିପତ୍ର

**ତରଭା, ୨୮।୧୨(ସମିସ) :** ବଲାଙ୍ଗିର ଜିଲ୍ଲାରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଜଣେ ସରକାରୀ କର୍ମଚାରୀ ମାଡ ମାରିବା ଘଟଣାକୁ ତରଭା ବ୍ଲକର ସଚେତନ ନାଗରିକ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଏସମ୍ପର୍କିତ ଦାବିପତ୍ର ସୋନପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅନିଲ କୁମାର କୁଲୁଙ୍କ ହସ୍ତେ ପ୍ରଦାନ କରାଯାଇଛି। ଦାବି ପତ୍ରରେ ସରକାରୀ କର୍ମଚାରୀ ମାନେ ନିର୍ବାଚିତ ପ୍ରତିନିଧି ମାନଙ୍କ ସହିତ ସମନ୍ୱୟ ରକ୍ଷା କରି ନ୍ୟାୟୋଚିତ ସମ୍ମାନ ପ୍ରଦର୍ଶନ କରିବା। ନିର୍ବାଚିତ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ତଥା ସରକାରୀ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା, ନିର୍ବାଚିତ ପ୍ରତିନିଧି ମାନଙ୍କୁ ଶାନ୍ତି ଶୃଙ୍ଖଳା ଓ ସମ୍ମାନର ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାମ କରିବାର ସୁଯୋଗ ଦେବା ସହିତ ଭୟପୂର୍ଣ୍ଣ ବାତାବରଣ ସୃଷ୍ଟି ନ କରିବା, ବଲାଙ୍ଗୀର ଘଟଣା ପରେ ନିର୍ବାଚିତ ପ୍ରତିନିଧି ମାନେ ଯେଉଁ ଭଳି ଭୟପୂର୍ଣ୍ଣ ବାତାବରଣରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ଏହାର ତୁରନ୍ତ ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧି ମାନଙ୍କ ମଧ୍ୟରେ ଏକ ସମନ୍ୱୟ ସଭା କରିବା। ଲୋକ ପ୍ରତିନିଧି ମାନଙ୍କୁ ଅଧିକାରୀ ମାନେ ତାଙ୍କର ଉଚିତ ସମ୍ମାନ ଦେବା ତଥା ପ୍ରଶାସନିକ ଅଧିକାରୀ ମାନେ ଲୋକ ପ୍ରତିନିଧିଙ୍କ ମାନଙ୍କୁ ମାଡ ନ ମାରିବା ପାଇଁ ଚେତାବନୀ ଦେବା ପାଇଁ ସଚେତନ ନାଗରିକ ମାନେ ଦୃଢ଼ ଦାବି କରିବା ସହ ଯଦି ଭବିଷ୍ୟତରେ ଏହାର ପୁନରାବୃତ୍ତି ହୁଏ ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଉଲ୍ଲେଖ ରହିଛି। ଏଥିରେ ରାଜେନ୍ଦ୍ର ଝାଙ୍କର, ମିତ ବ୍ରତ ମିଶ୍ର, କୁଶଳେଶ୍ୱର ସୁନା, ମହାବୀର ନାଏକ, ସନ୍ତୋଷ ପଟ୍ଟନାୟକ, ଉମେଶ ନାଏକଙ୍କ ସହ ୬୦ରୁ ଊର୍ଦ୍ଧ୍ୱରୁ ସଚେତନ ନାଗରିକ, ବୁଦ୍ଧିଜୀବୀ ନିର୍ବାଚିତ ପ୍ରତିନିଧି ମାନେ ସାମିଲ ହୋଇଥିଲେ।

## ଜିଲ୍ଲା ଲୋକ ମହୋତ୍ସବ କମିଟି ସଂଘ ଗଠିତ

**ବୌଦ୍ଧ, ୨୮।୧୨ (ସମିସ):** ବୌଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ଲୋକ ମହୋତ୍ସବର କର୍ମକର୍ତ୍ତାଙ୍କ ଏକ ବୈଠକ ଗଡ଼ଜାତ ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ଚୟନ କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ହେଉଥିବା ଲୋକ ମହୋତ୍ସବରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ସହଯୋଗ ରହୁନଥିବାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ହେଉଥିବା ମହୋତ୍ସବ ଗୁଡିକୁ ସାଂସ୍କୃତିକ ଦଳ ଯୋଗାଇବା, ଆର୍ଥିକ ସହଯୋଗ ଯୋଗାଇଦେବା, ରେଡକ୍ରସ ପାଣ୍ଠି ନାମରେ ପ୍ରଶାସନ ପକ୍ଷରୁ ଆଦାୟ ଅର୍ଥ ବନ୍ଦ କରିବା, ବିଭିନ୍ନ ସରକାରୀ ଉନ୍ନୟନ ଷ୍ଟଲ ନିଶ୍ଚିତ କରିବା ସହ ମହୋତ୍ସବ ଗୁଡିକ କିପରି ସୁରୁଖୁରୁରେ ହୋଇପାରିବ ସେନେଇ ପ୍ରସ୍ତୁତି ବୈଠକ ଗୁଡିକରେ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିବା ଆଦି ବିଷୟ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସଂଗଠନ ପକ୍ଷରୁ ଏକ ଲିଖିତ ପ୍ରସ୍ତାବ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ନେଇ ବୈଠକରେ ସହମତି ପ୍ରକାଶ ପାଇଥିଲା। ଆଲୋଚନା ପରେ ସର୍ବସମ୍ମତି କ୍ରମେ କଣ୍ଟାମାଳ ଶିଶୁ ଯୁବ ମହୋତ୍ସବ କମିଟି ସଭାପତି ଦିବ୍ୟ ଶଙ୍କର ରାଉତଙ୍କୁ ଜିଲ୍ଲା ମହୋତ୍ସବ କମିଟି ସଭାପତି ଭାବେ ମନୋନୀତ କରା ଯାଇଥିବାବେଳେ ସମ୍ପାଦକ ଭାବେ ଗଡ଼ଜାତ ଲୋକ ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଗନ୍ଧରାଡ଼ୀ ଲୋକ କଳା ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ଉପସ୍ଥିତ ଅନ୍ୟ ସମସ୍ତ ଲୋକ ମହୋତ୍ସବ କମିଟି ସଭାପତି ମାନଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ରଖିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଗନ୍ଧରାଡ଼ୀ ଲୋକ କଳା ମହୋତ୍ସବ କମିଟି, କଣ୍ଟାମାଳ ଲୋକ ମହୋତ୍ସବ କମିଟି, ଅସୁରଗଡ଼ ଲୋକ ମହୋତ୍ସବ କମିଟି, କଣ୍ଟାମାଳ ଶିଶୁ ଯୁବ ମହୋତ୍ସବ କମିଟି, ବାଉଁଶୁଣୀ ଲୋକ ମହୋତ୍ସବ କମିଟି, ଗଡ଼ଜାତ ଲୋକ ମହୋତ୍ସବ କମିଟି, ଭୈରବୀ ମହୋତ୍ସବ କମିଟି, ହରଭଙ୍ଗା ମହୋତ୍ସବ କମିଟି ଓ ଖଡଙ୍ଗ ଲୋକ ମହୋତ୍ସବ କମିଟି କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଏହି ବୈଠକକୁ ସୀତାକାନ୍ତ ସିଂ ସଂଯୋଜନା କରିଥିବା ବେଳେ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ମ ମାଁ କନ୍ଧେନବୁଢ଼ୀ କ୍ରିକେଟ; ବନ୍ଧଗୋରା ଚାମ୍ପିଅନ

**କଣ୍ଟାମାଳ, ୨୮।୧୨(ସମିସ):** କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେଓଗାଁ ଖେଳ ପଡ଼ିଆରେ ପାଞ୍ଚଦିନ ଧରି ଚାଲିଥିବା ୧୦ମ ମାଁ କନ୍ଧେନବୁଢି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଅନ୍ତିମ ଖେଳ ବନ୍ଧଗୋରା ଓ ଜାମୁଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନ୍ଧଗୋରା ଦଳ ଟସ ଜିଣି ବ୍ୟାଟିଂ ଆରମ୍ଭ କରିଥଲା ଏବଂ ନିର୍ଦ୍ଧାରିତ ୬ ଓଭର ଖେଳରେ ୪ ୱିକେଟ୍ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ଜାମୁଟ ଦଳ ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ୬୦ ରନ ସଂଗ୍ରହ ପୂର୍ବକ ପରାଜିତ ହୋଇଥିଲା। କୁନା କହଁର ଓ ସଦାନନ୍ଦ ଭୋଇ ଖେଳ ପରିଚାଳନା କରିଥିଲେ। ନରୋତ୍ତମ ନାଗ ସ୍କୋରର ଏବଂ ରାମଦାସ ରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ଖେଳରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଏବଂ ସମାଜସେବୀ ସମାରୁ ରଣା, ନାରାୟଣପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ, ଆଦିବାସୀ ନେତା ନୀଳାଞ୍ଚଳ ଭୋଇ, ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ଖମନମୁଣ୍ଡା ସମିତି ସଭ୍ୟା ପ୍ରତିନିଧି ରବି ମହାନନ୍ଦ, ସମାଜସେବୀ ରସୁଲ ଖାଁ, ସାମ୍ବାଦିକ ବଂଶୀଧର ମାଝୀ, ଆଦିବାସୀ ନେତା ବିବଛ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବନ୍ଧଗୋରା ଦଳକୁ ଚାମ୍ପିଅନ ଓ ଜାମୁଟ ଦଳକୁ ଉପବିଜେତା ଭାବେ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରବୀନ୍ଦ୍ର କହଁର, ତପେଶ୍ୱର ବାଘ, ସତ୍ୟନାରାୟଣ ଘିଭେଲା, ଯଶୋବନ୍ତ ମେଣ୍ଡିଲି, ବିକାଶ ବାଘ ଏବଂ କନ୍ଧେନବୁଢି କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ବୌଦ୍ଧ, ୨୮।୧୨ (ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ରାଜ୍ୟରେ ଚିତ୍ରକଳାର ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହିତ ଚିତ୍ରକଳା ଗୁଡିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀର ଉଦଘାଟନ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀକୁ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର ଉଦଘାଟନ କରିଛନ୍ତି। ଓଡ଼ିଶା ଚାରୁ କଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କର କଳାକୃତି ଯେପରି ରାଜ୍ୟର ଜନସାଧାରଣ ଅନ୍ୟ ଶିଳ୍ପୀ ତଥା ଛାତ୍ରଛାତ୍ରୀ ମାନେ ଦେଖିବାର ସୁଯୋଗ ପାଇ ପାରିବେ ଏବଂ ଓଡ଼ିଶାର ସବୁ ଜିଲ୍ଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏକ ପ୍ରୟାସ କରାଯାଉଛି। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଦିବଙ୍ଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ରାଉତରାୟ, ଏନ. ଚନ୍ଦ୍ର ଶେଖର ରାଓ, ଦିନାନାଥ ପାଠୀ, ନାରାୟଣ ରାଓ, ରାମହାରୀ ଜେନା, ଅକ୍ଷୟ କୁମାର ପଟ୍ଟନାୟକ, ଅମର କୁମାର ଜେନା, ଅସିତ କୁମାର ପଟ୍ଟନାୟକ, ବିପିନ ବିହାରୀ ମାଝୀ, ଦାଶ ମୁର୍ମୁ, ଦୀନବନ୍ଧୁ ସାହୁ, ପ୍ରମୋଦ କୁମାର ମଲ୍ଲିକ, ରବି ନାରାୟଣ ଗୁପ୍ତା ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ



ମୋଟ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। ଉକ୍ତ ପ୍ରଦର୍ଶନୀ ୩୦ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେହ ଦିନ ୧୧ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଏନଏସି ନିର୍ବାହୀ ଅଧିକାରୀ ଅଶୋକ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଉପସ୍ଥିତ ଥିଲେ।

## ୨୭ତମ ସର୍ବ ଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍
# ଫାଇନାଲରେ 'ଗୁଲବର୍ଗା ସିଟି -୧୧ କର୍ଣ୍ଣାଟକ'

**ବୀରମହାରାଜପୁର, ୨୮।୧୨ (ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ଖେଳ ପଡ଼ିଆରେ ହେଉଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ର ଗୁରୁବାର ଥିଲା ସପ୍ତମ ଦିବସ। ଗୁରୁବାର ମ୍ୟାଚ୍ ଟି ଶ୍ରୀଲତା କ୍ରିକେଟ ଏକାଡେମି ପଶ୍ଚିମବଙ୍ଗ ଓ ଗୁଲବର୍ଗା ସିଟି -୧୧ କର୍ଣ୍ଣାଟକ ମଧ୍ୟରେ ହୋଇଥିଲା। ଶ୍ରୀଲତା କ୍ରିକେଟ ଏକାଡେମି ପଶ୍ଚିମବଙ୍ଗ ପ୍ରଥମ ଫର୍ମାଟ ରେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୭ ଉଇକେଟ ହରାଇ ୧୮୭ ରନ କରିଥିଲା। ଜବାବରେ ଗୁଲବର୍ଗା ସିଟି -୧୧ କର୍ଣ୍ଣାଟକ ୧୫ ଓଭର ରେ ସମସ୍ତ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳର କରନ ରାଠୋର ୩୬, ଶ୍ରବଣ କୁମାର ୨୪ ରନ କରିଥିଲେ। ବିପକ୍ଷ କର୍ଣାଟକ -୧୧ ର ସୁରଜ କୁମାର ୩ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟ ରେ ଶ୍ରୀଲତା ଏକାଡେମୀ ପଶ୍ଚିମବଙ୍ଗ ନିର୍ଦ୍ଧାରିତ ୧୦ ଓଭର ରେ ୬ ଉଇକେଟ ହରାଇ ୯୯ ରନ କରିଥିଲା। ଜବାବରେ କର୍ଣ୍ଣାଟକ ଦଳ ୯.୫ ଓଭର ରେ ୫ ଟି ଉଇକେଟ ହରାଇ ଆବଶ୍ୟକୀୟ ୧୦୦ ରନ ସଂଗ୍ରହ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟ ରେ ବିଜୟୀ ହେବାରୁ ସୁପର ଓଭର ଖେଳ ହୋଇଥିଲା। ଏଥିରେ କର୍ଣ୍ଣାଟକ ୧୦ ରନ କରିଥିବା ବେଳେ ପଶ୍ଚିମବଙ୍ଗ ୪ରନ କରି ପରାସ୍ତ ହୋଇଥିଲା। ଫଳରେ କର୍ଣ୍ଣାଟକ ଦଳ ୨-୧ ରେ ବିଜୟୀ ହୋଇ ଫାଇନାଲ ରେ ପ୍ରବେଶ କରିଛି। ପୀତାମ୍ବର ସାହୁ ଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, କମିରା ସରପଞ୍ଚ ପ୍ରତିନିଧି ସପନ ପ୍ରଧାନ, ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ, ଶେଷଦେବ ବାରିକ, ହିଲୁଙ୍ଗ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାଲିକ, କୁମରକେଲି ୟୁପି ସ୍କୁଲ୍ ର ପ୍ରଧାନ ଶିକ୍ଷକ ହୃଷୀକେଶ ଚାନ୍ଦ, ଆମରପାଲି ହାଇସ୍କୁଲ ର ଶିକ୍ଷକ ପଦ୍ମନାଭ ପ୍ରଧାନ, କ୍ରୀଡାବିତ ପିଙ୍କୁଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କର୍ଣ୍ଣାଟକ -୧୧ ର ନୀତେଶ ୱାଣିକଲ୍ୟା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ୍ କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିବା ବେଳେ ବାଙ୍କା ବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ ଲାଇନ ସ୍କୋରିଂ ଏବଂ ମ୍ୟାକମିଲନ ମହାକୁର, ଆଶିଷ ଦେଓ, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଦିନ ଫାଇନାଲ ମ୍ୟାଚ୍ ଏନ ଏନ ଏସ କ୍ରିକେଟ ଏକାଡେମୀ ପ୍ରୟାଗରାଜ ଓ ଗୁଲବର୍ଗ ସିଟି -୧୧ କର୍ଣ୍ଣାଟକ ମଧ୍ୟରେ ହେବ ବୋଲି ଆୟୋଜକ ଙ୍କ ସୂତ୍ରରୁ ପ୍ରକାଶ।

## ଦମାମୁଣ୍ଡା ବିଶ୍ୱନାଥ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ମନମୁଣ୍ଡାକୁ ହରାଇ ବାଲଯୁରି ଚାମ୍ପିଅନ

**ଶଗଡ଼ା, ୨୮।୧୨ (ସମିସ)**

କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଦମାମୁଣ୍ଡାଠାରେ ଚାଲୁଥିବା ବିଶ୍ୱନାଥ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ ମହିଧର ରଣା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଦମାମୁଣ୍ଡା କେନ୍ଦୁପତ୍ର ରେଞ୍ଜ ଭରପ୍ରାପ୍ତ ରେଞ୍ଜ ଅଧିକାରୀ ସୁନିଲ ରାଓ, ସମାଜସେବୀ ବିଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଭୟ ବିଜେତା ଓ ଉପବିଜେତା ଦଳର



ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୨୨ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଜି ଏହାର ଉଦଯାପିତ ହୋଇ ଯାଇଛି। ଆଜିର ଫାଇନାଲ ମ୍ୟାଚ୍ ବାଲଜୁରି ଓ ମନମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ନିର୍ଦ୍ଧାରିତ ଓଭର ରେ ମନମୁଣ୍ଡାକୁ ହରାଇ ବାଲଜୁରୀ ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍ ରେ ସୁଜିତ୍ ପ୍ରଧାନ, ପ୍ରଭାତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ବାସୁଦେବ କର୍ମୀ ଏବଂ ଶରତ ପ୍ରଧାନ ଧରବିବରଣି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିମଳ, ଜଗା, ଜନ, ସୁଦାମ, ଟୁନା, ବିରୁପାକ୍ଷ, ସୌମ୍ୟ ଓ ରାଜେଶ ପ୍ରମୁଖ ସହଯୋଗ କରିଥିଲେ।

# ମିଶନ ଶକ୍ତି ବିଭାଗ ଉପଦେଷ୍ଟାଙ୍କ ବୌଦ୍ଧ ଜିଲ୍ଲା ଗସ୍ତ



ବୌଦ୍ଧ, ୨୮।୧୨ (ସମିସ)

ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ହରଭଙ୍ଗା ?୍ଲକ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ରେ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଗସ୍ତ ଦିବସରେ ମିଶନ ଶକ୍ତି କାର୍ଯ୍ୟକ୍ରମର ଅନୁଶୀଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇ ମିଶନ ଶକ୍ତି ଓ ବିଭିନ୍ନ ବିଭାଗର ସହଭାଗିତାରେ ମହିଳା ଗୋଷ୍ଠୀ ମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଅନୁଶୀଳନ କରାଯିବା ସହିତ ସଚେତନତା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମହିଳା ଗୋଷ୍ଠୀଙ୍କ କାର୍ଯ୍ୟଶୈଳୀ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଉପରେ କେନ୍ଦ୍ରୀଭୂତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର, ଡିପିସି ମିଶନ ଶକ୍ତି, ହରଭଙ୍ଗା ବିଡିଓ, ହରଭଙ୍ଗା ସିଡ଼ିପିଓ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର, ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ମହାସଂଘର ସଭ୍ୟା ମାନଙ୍କ ସମେତ ?୍ଲକ ର କ୍ୟାଡର ସମୂହ ଅଂଶ ଗ୍ରହଣ କରିଥିଲେ। ଡ. ବକ୍ସିପାତ୍ର ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେ, ଲୁଣିବାହାଲ ର ଭୈରବୀ ଉତ୍ପାଦକ ଦଳ, ଚମ୍ପାପୁର ର ଶ୍ରୀ ଜଗନ୍ନାଥ ଉତ୍ପାଦକ ଦଳ ଓ ବାମଣ୍ଡା ସ୍ଥିତ ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ଅନୁଧ୍ୟାନ କରି ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ଭୈରବୀ ଉତ୍ପାଦକ ଦଳ, ଲୁଣିବାହାଲ ଦ୍ୱାରା କରାଯାଉଥିବା ରତ୍ତୁ କାଳୀନ ଛତୁ ଉତ୍ପାଦନର ଚାହିଦା ଓ ଅଗ୍ରଗତି ସହିତ ବୌଦ୍ଧ କୃଷକ ବଜାରରେ ବିକ୍ରି ବ୍ୟବସ୍ଥାର କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଶ୍ଚିତ କରାଇଥିଲେ। ଶ୍ରୀ ଜଗନ୍ନାଥ ଉତ୍ପାଦକ ଦଳ, ଚମ୍ପାପୁର ଦ୍ୱାରା କରାଯାଉଥିବା ହସ୍ତତନ୍ତ ବ୍ୟବସାୟ ଓ ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ବ୍ରଏଲର୍ ଫାର୍ମ କାର୍ଯ୍ୟ କୁ ପ୍ରଶଂସା କରିବା ସହିତ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ମଧ୍ୟାହ୍ନରେ ଡଃ ବକ୍ସିପାତ୍ର ବୌଦ୍ଧ ବ୍ଲକ ଗସ୍ତ କରି ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ର ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତାଙ୍କ ସହିତ ମିଶନ ଶକ୍ତି କାର୍ଯ୍ୟର ଅନୁଶୀଳନ କରିବା ସହିତ ବିଭିନ୍ନ ପଞ୍ଚାୟତ ଗସ୍ତ କରି ମହିଳା ମାନଙ୍କର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

## ହରଭଙ୍ଗା ବ୍ଲକ୍ ପରିଦର୍ଶନ

ଚାରିଛକ: ରାଜ୍ୟ ମିଶନ ଶକ୍ତି ପରାମର୍ଶଦାତା ଡ଼କ୍ଟର ଲୋପାମୁଦ୍ରା ବକ୍ସି ପାତ୍ର ହରଭଙ୍ଗା ବ୍ଲକ ପରିଦର୍ଶନ କରିଥିବା ଜଣାପଡ଼ିଛି। ମିଶନ ଶକ୍ତି ମହିଳାମାନଙ୍କ ପକ୍ଷରୁ ତାଙ୍କୁ ବ୍ଲକରେ ସ୍ୱାଗତ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିବା ସହିତ ସେଠାରେ ପ୍ରସ୍ତୁତ ଜଳଖିଆ ଖାଇ ଉଚ୍ଚ ପ୍ରଶଂସା କରିଥିଲେ।



ଏହା ସହିତ ପରେ ବ୍ଲକ ସଭାଗୃହ ପ୍ରାଙ୍ଗଣରେ ଆୟୋଜିତ ସଭାରେ ମିଶନ ଶକ୍ତି ମହିଳା ଗ୍ରୁପଙ୍କୁ ସମ୍ବୋଧିତ କରିବା ସହିତ କିପରି ହାଣ୍ଡିଶାଳରୁ ବାହାରି ମହିଳା ମାଆମାନେ ବିଦେଶରେ ପହଁଚିବା କଥା ମନେପକାଇଥିଲେ। ବିନା ସୁଧରେ ମହିଳା ସ୍ୱୟଂ ସହାୟକଗ୍ରୁପମାନଙ୍କୁ ୫ଲକ୍ଷରୁ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରିବା ଏବଂ ମିଶନ ଶକ୍ତି ଏକ ଯୋଜନାରୁ ଏକ ବିଭାଗରେ ପରିଣତ ହେବା କଥା ମଧ୍ୟ କହିଥିଲେ। ମହିଳା ମାଆ ମାନେ ଆଗକୁ କିପରି ଭଲ କାମ କରି ନିଜ ବ୍ଲକ ଜିଲ୍ଲା ର ଗାରିମା ବୃଦ୍ଧି ଦିଗରେ ଅନେକ ଉପଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିପିସି ରଶ୍ମି ରଞ୍ଜନ ସେଠି, ହରଭଙ୍ଗା ବିଡ଼ିଓ ସ୍ୱପ୍ନିତା ନାଏକ, ଏବିଡ଼ିଓ ସୁବାଷ ଚନ୍ଦ୍ର ଯାନୀ, ସିଡିପିଓ ମିନତୀ ଦେଓ, ବିପିଏମ ବେଣୁଧର ମହାପାତ୍ରଙ୍କ ସହିତ ମିଶନ ଶକ୍ତି ମହିଳା ଗ୍ରୁପର କର୍ମକର୍ତା ଉପସ୍ଥିତ ଥିଲେ।

# ଏଇଏସ୍ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ତରଭା, ୨୮।୧୨(ସମିସ) : ତରଭା ଏଇଏସ କଲେଜରେ ଗତ ନଭେମ୍ବର ମାସରୁ ଆରମ୍ଭ ହୋଇ ଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଅଧ୍ୟକ୍ଷା ସୁଶ୍ରୀ ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ସୋନପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ହରିବନ୍ଧୁ ପାଣିଗ୍ରାହୀ, ପୂର୍ବତନ କଲେଜ୍ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ପୂର୍ବତନ କଲେଜ ଅଧ୍ୟକ୍ଷ ପ୍ରଫେସର ଶମ୍ଭୁ ଭୁଷଣ ପଣ୍ଡା, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. କ୍ଷୀରୋଦ୍ର କୁମାର ମିଶ୍ର, ପ୍ରଫେସର ଶିବରାମ ମେହେର, ପ୍ରଫେସ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରନ୍ଥାଗାରିକ ଦେବେନ୍ଦ୍ର ନାଏକଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା। ଅଧ୍ୟକ୍ଷା ସୁଶ୍ରୀ ମିଶ୍ର ତାଙ୍କର ସଭାପତି ଭାଷଣ ମାଧ୍ୟମରେ କଲେଜର ଛାତ୍ର ଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ କଲେଜର ନୁତନ ବିଲ୍ଡିଙ୍ଗ ପାଇଁ ଆବଶ୍ୟକ ଥିବା ଏକ ପାଚେରୀ ନିର୍ମାଣ ସକାଶେ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ଠାରେ ଦାବି କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଠେଲା ତାଙ୍କର ବକ୍ତବ୍ୟରେ ଯଥାଶୀଘ୍ର ପାଚେରୀ ନିର୍ମାଣ ସକାଶେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ନାଏକ ସଂଯୋଜନା କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଓସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ହରଭଙ୍ଗା ବ୍ଲକ୍ ସାମ୍ବାଦିକ ସଂଘର ବନ୍ଧୁମିଳନ

ଚାରିଛକ, ୨୮।୧୨(ସମିସ): ହରଭଙ୍ଗା ବ୍ଲକ ସାମ୍ବାଦିକ ସଙ୍ଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୀରନରସିଂହପୁର ଜଳସେଚନ ବଙ୍ଗଳା ପ୍ରାଙ୍ଗଣରେ ସଭାପତି ନରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସଙ୍ଘ ପକ୍ଷରୁ ବିଭିନ୍ନ ଗଠନ ମୂଳକ କାର୍ଯ୍ୟକ୍ରମ ପାଇଁ ବୈଠକରେ ପଙ୍ଖାନୁପଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ସଙ୍ଘର ପରାମର୍ଶଦାତା ସୁରେନ ପ୍ରଧାନ, ରତ୍ନାକର ବେହେରା, ଉପସଭାପତି ପ୍ରୀତି ରଞ୍ଜନ ଦାସ, ସମ୍ପାଦକ ତୁଷାରକାନ୍ତ ସାହୁ, କୋଷାଧ୍ୟକ୍ଷ ସଚିନ୍ଦ୍ର ସାହୁ, ଅଜିତ କୁମାର ବାରିକ, ଦୁର୍ଯ୍ୟୋଧନ ବିଶି, ସୌମ୍ୟ ରଞ୍ଜନ ସାହୁ, ଜୟନ୍ତ ମାଝୀ, ଶ୍ରୀନିବାସ ସାହୁ, ଦୀପକ ଅଦର, ମାନସ ମହାରଥା, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାମାଳ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ



କଣ୍ଟାମାଳ/ଶଗଡ଼ା, ୨୮।୧୨ (ସମିସ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଂଗ୍ରେସ ତରଫରୁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୩୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ବୌଦ୍ଧ ଜିଲ୍ଲା ପ୍ରଭାରୀ ବିଳାସିନୀ ନାୟକ ଯୋଗ ଦେଇ କଂଗ୍ରେସର ଦଳୀୟ ପତକା ଉତ୍ତୋଳନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଉପସଭାପତି ଗୋପ ରଣା, ମୁଖ୍ୟ ପ୍ରବକ୍ତା କେଶବ ଚନ୍ଦ୍ର ଖେତି, ବ୍ଲକ ସମ୍ପାଦକ ଉଗ୍ରସେନ ପଟ୍ଟନାୟକ, ନିତ୍ୟାନନ୍ଦ କର୍ମୀ, ଗୋବର୍ଦ୍ଧନ ରଣା, ସୁନାଧର ପଟେ଼ଲ, ସରୋଜ ସାହୁ, ପବିତ୍ର ରଣା ସନ୍ତୋଷ ତାଣ୍ଡି, ସୁକଦେବ ମଙ୍ଗରାଜ, ବିଶ୍ୱାମିତ୍ର ପାଢ଼ୀ, ପ୍ରତାପ ମାହାର, ଗରିବ ପ୍ରଧାନ, ହୃଦାନନ୍ଦ କହଁର, ତ୍ରିଲୋଚନ ରାଉତ, ସୁଦାମ କୁମ୍ଭାର ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ। ଶେଷରେ ବ୍ଲକ ସମ୍ପାଦକ ଉଗ୍ରେସନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଣ୍ଡାରେ ୪୧ତମ ଗ୍ରାମାଞ୍ଚଳ କ୍ରିକେଟ
# ସରଗାଡ଼ କ୍ରିକେଟ୍ କ୍ଲବ୍ ସେମିରେ

ତରଭା, ୨୮।୧୨(ସମିସ): ତରଭା ବ୍ଲକ ମେଣ୍ଡା ହାଇସ୍କୁଲ ପଡ଼ିଆଠାରେ ୨୭ତାରିଖରୁ ୪୧ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ମେଣ୍ଡା ସ୍ପୋର୍ଟିଂକ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶମ୍ଭୁଭୂଷଣ ପର୍ଦ୍ଧିଆ ଓ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ନାରାୟଣ ଝାଙ୍କର ଯୋଗଦେଇ ଉଦଘାଟନ କରିଥିଲେ। ବଲାଙ୍ଗିର ଜିଲ୍ଲା ବେଦ୍ରା ଓ ଜାମଗାଁ କ୍ରିକେଟଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଦ୍ରାଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟମ୍ୟାଚ ଧୁମାମରା ଓ ସରଗାଡ ମଧ୍ୟରେ ହୋଇ ସାରଗାଡଦଳ ବିଜୟୀ ହୋଇଥିଲା। ତେବେ ପ୍ରଥମଦିନର କ୍ୱାଟରଫାଇନାଲ ମ୍ୟାଚ ବେଦ୍ରା ଓ ସରଗାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ସରଗାଡ ଦଳ ଏଥିରେ ବିଜୟୀ ହୋଇଥିଲା। ବେଦ୍ରାଦଳ ନିର୍ଦ୍ଧରିତ ୧୦ ଓଭରରେ ୮୦ରନ କରିଥିବା ବେଳେ ସରଗାଡଦଳ କୌଣସି ୱିକେଟ ନହରାଇ ୬ ଓଭରରେ ୮୧ରନ କରି ବିଜୟୀ ହୋଇଯାଇଥିଲେ। ସରଗାଡଦଳ ପ୍ରଥମ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛି। ଆଜି ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ ମେଣ୍ଡା ସ୍ପୋର୍ଟିଂକ୍ଲବ ଓ ସେମେଲମୁଣ୍ଡା କ୍ରିକେଟଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମେଣ୍ଡା ସ୍ପୋର୍ଟିଂକ୍ଲବ ୧୦ଓଭରରେ ୧୪୩ରନ କରି ସେମେଲମୁଣ୍ଡାଦଳକୁ ୧୪୪ରନର ଟାର୍ଗେଟ ଦେଇଥିଲା। ତେବେ ମାତ୍ର ସେମେଲମୁଣ୍ଡାଦଳ ୪୯ରନରେ ଅଲଆଉଟ ହୋଇଯାଇଥିଲେ। ମେଣ୍ଡା ସ୍ପୋର୍ଟିଂକ୍ଲବ ୯୪ରନରେ ବିଜୟୀ ହୋଇଥିଲେ। ଖେଳକୁ ଅବିନାଶ ଫରିକାର ଓ ବିଶ୍ୱରଞ୍ଜନ ଦଳବେହେରା ଅମ୍ପାୟାର ରହି ପାରିଚାଳନା କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି।

୩୧ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମେଣ୍ଡା ସ୍ପୋର୍ଟିଂକ୍ଲବର ମହାଦେବ ଜେନା, ସହଦେବ କର୍ଣ୍ଣ, ସବ୍ୟସାଚୀ ଦଣ୍ଡସେନା, ଧିରେନ୍ଦ୍ର ଝାଙ୍କର, ପିଙ୍କୁ ହାତୀ, ଅନ୍ତର୍ଯ୍ୟାମୀ ଦଣ୍ଡସେନା, ବିଶିକେଶନ ବେହେରା, ପିଣ୍ଟୁ ଦାସ, ରିତେଶ ବରାଇ, ମନ ବିଶ୍ୱାଲ, ସୁରଜ ସରାଫ ପ୍ରମୁଖ ସହଯୋଗ କରୁଛନ୍ତି।

## ଗ୍ଲୋବାଲ ମଡେଲ ମିସ୍ ଇଣ୍ଡିଆ ବିଜେତା ହେଲେ ମନମୁଣ୍ଡାର ସୁପ୍ରିୟା ମିଶ୍ର



ମନମୁଣ୍ଡା, ୨୮।୧୨ (ସମିସ) : ଉଚ୍ଚ ବିଦ୍ୟାଳୟରେ ପଢ଼ିଲା ବେଳେ ଟିଭି ଦେଖି ମଡେଲ ହେବାକୁ ଇଚ୍ଛା ରଖିଥିବା ଝିଅ ଏବେ ଗ୍ଲୋବାଲ ମୋଡେଲ ମିସ ଇଣ୍ଡିଆ ବିଜେତା ହୋଇପାରିଛନ୍ତି। ସେ ଝିଅଟି ହେଉଛନ୍ତି ବୌଦ୍ଧ ଜିଲ୍ଲା ମନମୁଣ୍ଡାର ଝିଅ ସୁପ୍ରିୟା ମିଶ୍ର। ଗତ ଅକ୍ଟୋବର ୨୬ ତାରିଖରେ ଭୁବନେଶ୍ୱର ଖାରବେଳନଗର ଏସ ଏସ ଷ୍ଟୁଡିଓ ରେ ଏନେଇ ଅନୁଷ୍ଠିତ ଅଡିସନ୍ ରେ ୫୦ ଜଣ ପ୍ରତିଯୋଗୀ ଙ୍କ ମଧ୍ୟରୁ ସେ ବିଜେତା ହୋଇ ଫାଇନାଲ ରାଉଣ୍ଡ କୁ ଯାଇଥିଲେ। ଚଳିତ ମାସ ୨୪ ତାରିଖରେ ମହାରାଷ୍ଟ୍ର ସାଙ୍ଗଲି ସହରରେ ଫିନାଲେ ଅନୁଷ୍ଠିତ ହୋଇଥିଲା। ସାରା ଭାରତ ରୁ ମୋଟ ୪୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ସୁପ୍ରିୟା ମିଶ୍ର ଗ୍ଲୋବାଲ ମୋଡେଲ ମିସ ଇଣ୍ଡିଆ ୱିନର ହୋଇଛନ୍ତି। ବର୍ଣ୍ଣାଢ଼୍ୟ ସମାରୋହ ଓ ପ୍ରାୟ ୨ ହଜାର ଲୋକଙ୍କ ସମାବେଶ ରେ ସମ୍ମାନିତ ଅତିଥି ମିଷ୍ଟର ଏଣ୍ଡ ମିସ ଗର୍ଜିଅସ ଇଣ୍ଟରନେସନାଲ ର ସଭାପତି ଡେଭିଡ ଷ୍ଟ୍ରଙ୍ଗସନ୍(ନାଇଜେରିଆ), ମିଷ୍ଟର ପିଟାଇଟ ଗ୍ଲୋବାଲ ୧ମ ରନର୍ସଅପ୍ ସୁହାସ ଧୱଲେ, ୱାର୍ଲ୍ଡ ଫିଟନେସ ସୁପରମୋଡେଲ ଓଠ ୨୦୨୩ ରଷିକେଶ ପାଟିଲ, ମିଷ୍ଟର ଗର୍ଜିଅସ ଇଣ୍ଟରନେସନାଲ ୨୦୨୩ ସିଦ୍ଧାନ୍ତ କୁମାର ବାରିକ, ମିଷ୍ଟର୍ ଏସିଆ ୨୦୨୦ ସୁରଜ୍ କୁମାର ଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ମିସ ମଡେଲ ଇଣ୍ଡିଆ ୨୦୨୨ ସାଗରିକା ପାଣିଗ୍ରାହୀ ସୁପ୍ରିୟା ଙ୍କୁ ରୋପ୍ୟ ର ୱିନର ମୁକୁଟ ପିନ୍ଧାଇ ଥିଲେ ଏବଂ କ୍ରସ ଫିତା, କପ୍ ଓ ସମ୍ବର୍ଦ୍ଧନା ତଥା ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ବାପା ଦେବେନ୍ଦ୍ର ମିଶ୍ର ଙ୍କ ଆଶୀର୍ବାଦ ମାଁ କଲ୍ୟାଣୀ ମିଶ୍ର ଙ୍କ ବିଶେଷ ସହଯୋଗ ଓ ପ୍ରେରଣା ଏବଂ ତାଙ୍କ ମଡେଲ ଗୁରୁଙ୍କ ତାଲିମ ଏହି ବିଜୟ ପଛର ଶ୍ରେୟ ତଥା ଅବଦାନ ବୋଲି ସୁପ୍ରିୟା କହିଛନ୍ତି। ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ନେପାଲ ରେ ହେବାକୁ ଥିବା ଗ୍ଲୋବାଲ ଓମେନ୍ ମୋଡେଲ ଇଣ୍ଟରନେସନାଲ - ୨୦୨୪ ରେ ଭାରତ ତରଫରୁ ସେ ଏକ ମାତ୍ର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ସୁପ୍ରିୟା ଆଜି ଘରକୁ ଫେରିବା ପରେ ତାଙ୍କ ସାଙ୍ଗ, ବନ୍ଧୁବାନ୍ଧବ, ସୋନପୁର ସୁକାନ୍ତି ଏକାଡେମୀର ତାଙ୍କ ଯୁକ୍ତ ଦୁଇ ସହପାଠୀ, ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା, କଣ୍ଟାମାଳ ସାମ୍ବାଦିକ ସଂଘ ବରିଷ୍ଠ ସଦସ୍ୟ ଭାର୍ଜନ କୁମାର ପ୍ରଧାନ, ଅନେକ ଅନୁଷ୍ଠାନ ର ମୁଖ୍ୟମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିବା ସହ ଶୁଭକାମନା ଜଣାଇଥିଲେ।

● ୨୦ତମ ରାଜ୍ୟସ୍ତରୀୟ ତିଳେଶ୍ୱର କପ୍

## ବୌଦ୍ଧକୁ ହରାଇ ସେମିରେ ଅନୁଗୁଳ

ହରଭଙ୍ଗା, ୨୮।୧୨ (ସମିସ) : ହରଭଙ୍ଗା ବ୍ଲକ ତିଳେଶ୍ୱର ଲାଲ୍ ବାହାଦୁର ବିଦ୍ୟାପୀଠ ଖେଳ ପଡ଼ିଆ ଠାରେ ୨୦ତମ ରାଜ୍ୟସ୍ତରୀୟ ତିଳେଶ୍ୱର କପ୍‌ର ଗୁରୁବାର ଦିନ ଗୃପ ବିର ପ୍ରଥମ ମ୍ୟାଚ ଅନୁଗୁଳ ଏ. କେ. କ୍ଲବ ସହିତ ବୌଦ୍ଧ ଆଇ. ଆର. ବି ପୁଲିସ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲଶ। ଚତୁର୍ଥ ଦିନ ମ୍ୟାଚରେ ମୁଖ୍ୟଅତିଥି ଭାବେ ପୁରୁଣାକଟକ ଥାନାଧିକାରୀ ରଞ୍ଜିତ ମୁନି, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ନବ କୁମାର ମିଶ୍ର, ବାଣିଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର, ପୁରୁଣାକଟକ ସରପଞ୍ଚ ଅଶୋକ ସେଠି, ପୂର୍ବତନ ସାମ୍ପଚ ସରପଞ୍ଚ ନିରାକାର ଭୋଇ ଓ ଆସୋସେସନ କମିଟି ସଭାପତି ଅର୍ଜୁନ ପ୍ରଧାନ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଦଳ ଭଲ ପ୍ରଦର୍ଶନ କରିଥିଲେ ବି ଖେଳର ପ୍ରଥମାର୍ଦ୍ଧରେ ବୌଦ୍ଧ ବିପକ୍ଷରେ ଗୋଟିଏ ଗୋଲ ଦେଇ ଅନୁଗୁଳ ଖାତା ଖୋଲିଥିଲା। ମଧ୍ୟାନ୍ତର ପରେ ପୁଣି ଆଉ ଏକ ଗୋଲ ଦେଇ ୨-୦ରେ ଆଗୁଆ ହୋଇଥିଲା ଅନୁଗୁଳ ଦଳ। ମ୍ୟାଚର ଶେଷ ପର୍ଯ୍ୟନ୍ତ ବୌଦ୍ଧ ଆଇଆରବି ଦଳ ଗୋଲ ପରିଶୋଧ ପାଇଁ ପ୍ରୟାସ କରିଥିଲେ ବି ଅସମର୍ଥ ହୋଇଥିଲା। ଫଳରେ ଅନୁଗୁଳ ଦଳ ବିଜୟୀ ହୋଇ ଦ୍ୱିତୀୟ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଟୁର୍ଣ୍ଣାମେଣ୍ଟ ରେ ମୁଖ୍ୟ ରେଫରି ଭାବେ ସୁଜିତ ରାଜହଂସ, ଲାଇନ୍ସମ୍ୟାନ ଭାବେ ଦେବବ୍ରତ ବେହେରା, ଗରିବ ବେହେରା ଓ ଚତୁର୍ଥ ରେଫରି ଭାବେ ସଲିଲ ବେହେରା ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସମ୍ପାଦକ ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଉପସଭାପତି ବିଜ୍ଞାନ କର୍ଣ୍ଣ, ସହ ସମ୍ପାଦକ ପ୍ରବୀଣ ବେହେରା, କୋଷାଧ୍ୟକ୍ଷ ଚିକୁ ମହାନ୍ତି, ବିକାଶ ମିଶ୍ର, ସିମୁନ ନାଏକ, ମିଟୁ ବେହେରା, କାହ୍ନ। ବାରିକଙ୍କ ସମେତ ତିଳେଶ୍ୱର ବଜାର ଆସୋସେସନର ସମସ୍ତ କର୍ମକର୍ତ୍ତା ଖେଳରେ ସହଯୋଗ କରିଥିଲେ।

## ଶ୍ରୀମଦ୍ ତ୍ୟାଗୀ ଭୀମ ଦାସ ବାବାଙ୍କ ପରଲୋକ



ତରଭା, ୨୮।୧୨(ସମିସ) : ସନ୍ଥ କବି ଭୀମ ଭୋଇ ସମାଧିପୀଠ ଖଲିଆପାଲି ଶାଖା ମଠ ଗଇଲବେର୍ଣ୍ଣାର ମଠାଧିଶ ଶ୍ରୀମଦ ତ୍ୟାଗୀ ଭୀମ ଦାସ ବାବାଙ୍କ ରବିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ବାବା ଶରୀର ତ୍ୟାଗ କରିବା ଖବର ପ୍ରଚାରିତ ହେବାପରେ ସତ୍ୟ ମହିମା ଧର୍ମ ଶାସିନୀ ମହାସଂଘର କର୍ମକର୍ତ୍ତା ଉତ୍ତମ ସିଂ ନାଗ, ଗୋବିନ୍ଦ ମହାନନ୍ଦ, ଦୁର୍ଗାଚରଣ କଲତା, ମିଲୁ ତାଣ୍ଡି, କୃଷ୍ଣଚନ୍ଦ୍ର ନନ୍ଦ, ଆଖପାଖ ଅଞ୍ଚଳର ସାଧୁ ସନ୍ୟାସୀ, ଜଗତ, ଭକତ, ପିତା ମାତା ଆଶ୍ରମରେ ପହଞ୍ଚିଥିଲେ। ମହିମା ଧର୍ମର ରୀତିନୀତି ଅନୁଯାୟୀ ଶୁନ୍ୟ ପ୍ରଭୁଙ୍କ ଉପାସନା ପରେ ଆଶ୍ରମ ପରିସରରେ ବାବାଙ୍କ ମରଶରୀରକୁ ସମାଧିସ୍ଥ କରାଯାଇଥିଲା। ଆସନ୍ତା ଜାନୁୟାରୀ ୧୩ତାରିଖ ଶନିବାର ବାବାଙ୍କ ଶୁଦ୍ଧିକ୍ରିୟା ମଠରେ ସମ୍ପନ୍ନ ହେବ ବୋଲି ମହାସଂଘ ତରଫରୁ କୁହାଯାଇଛି।

## ଓଜେଏସ୍ ପରୀକ୍ଷାରେ ଦେବାଶିଷଙ୍କ ସଫଳତା

ଶଗଡ଼ା, ୨୮।୧୨( ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ଗ୍ରାମର ଦେବାଶିଷ ମହାପାତ୍ର ଓଡ଼ିଶା ଜୁଡସିଆଲ୍ ସର୍ଭିସ ରେ ସଫଳତା ଆଣି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସୂଚନା ଅନୁସାରେ କଣ୍ଟାମାଳ ଗ୍ରାମର ବାପା ଉତ୍ତର ମିଶ୍ର ଓ ମାଆ ପଦ୍ମିନୀ ମିଶ୍ରଙ୍କ ପୁଅ ଦେବାଶିଷ (୨୬)। ପିଲାଟି ଦିନରୁ ଦେବାଶିଷ ଭଲ ପାଠ ପଢୁଥିବା ବେଳେ ସେ ଭବିଷ୍ୟତରେ ଜଣେ ଉଚ୍ଚ ପଦବୀରେ ରହି ଲୋକଙ୍କ ସେବା କରିବାର ଆଗ୍ରହ ଥିଲା। ପ୍ରଥମେ ଗାଁ ସ୍କୁଲ ରୁ ନିଜ ପାଠ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ବାହାରେ ପାଠ ପଢ଼ିଥିଲେ। ଦେବାଶିଷ ଓଡ଼ିଶା ଜୁଡ଼ିସିଆଲ ସର୍ଭିସ ପରୀକ୍ଷା ୨୦୨୨ରେ ୪୨ରେଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏଭଳି ସଫଳତା ପଛରେ କଠିନ ପରିଶ୍ରମ ସହ ବାପାମାଆ, ଗୁରୁଜନଙ୍କ ଆଶୀର୍ବାଦ ଥିବା କହିଛନ୍ତି। ଦେବାଶିଷଙ୍କ ଏଭଳି କୃତକାର୍ଯ୍ୟ ଦେଖି ବାପାମାଆ, ବନ୍ଧୁପରିଜନ, ପଡୋଶୀ ସହ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଦେବାଶିଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନା ଥାଉ କି ଦେବାଶିଷଙ୍କ ବଡ଼ଭାଇ ଲକ୍ଷ୍ମଣ ମିଶ୍ର ସୋନପୁର ଜିଲ୍ଲା ବିନିକାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ବିଚାରପତି ଭାବରେ ନିଯୁକ୍ତି ହେବା ପରେ ଗରିବ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବେ ବୋଲି ଦେବାଶିଷ ନିଜ ପ୍ରତିକ୍ରିୟାରେ କହିଛନ୍ତି।



## ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଅଧିକାରୀ

ଶଗଡ଼ା, ୨୮।୧୨( ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ଗ୍ରାମର ଚାଷୀ ସୁଶାନ୍ତ କୁମାର ମିଶ୍ରଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନରେ ଆସିବା ସହ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ଆଇଏଫ୍ଏ ଯୋଜନାରେ ସୁଶାନ୍ତ କରିଥିବା ଛତୁ ଚାଷ ବୁଲି ଦେଖିବା ସହ ହଂସ, କୁକୁଡା, ଛେଳି, ?ତକ୍, ଗାଇ ଆଦି ପ୍ରକଳ୍ପ ମାନ ଦେଖି ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ କୃଷି ଅଧିକାରୀ ଲଳିତ କୁମାର ସାହୁ, ସହକାରୀ କୃଷି ଅଧିକାରୀ ଚାନ୍ଦିନି ପ୍ରଧାନ, ରାଜିବ୍ ସାହୁ, ସହକାରୀ ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସେଠୀ, ଗ୍ରାମ୍ୟ କୃଷି ଅଧିକାରୀ ପୂର୍ଣ୍ଣାନନ୍ଦ ସାହୁ ଆଦି ଅନେକ ଅଧିକାରୀ ଉପସ୍ଥିତ ଥିଲେ।

## ଶତାୟୁ ମହିଳାଙ୍କ ଦେହାନ୍ତ

ମନମୁଣ୍ଡା, ୨୮।୧୨ (ସମିସ): ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତ ଭଇନାମୁଣ୍ଡା ଗ୍ରାମର ଶତାୟୁ ମହିଳା ଜେମା କର୍ଣ୍ଣଙ୍କ ଆଜି ଅପରାହ୍ନ ରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ହୋଇଥିଲା। ସ୍ୱାଭାବିକ ଭାବେ ସେ ମୃତ୍ୟୁବରଣ କରିଥିବା ତାଙ୍କ ସାନ ପୁଅ ଶିବଶଙ୍କରଙ୍କ ଠାରୁ ଜାଣିବାକୁ ମିଳିଛି। ପୁଅ ଶମ୍ଭୁ, କମ୍ଭୁ, ଉମାଶଙ୍କର, ଶିବଶଙ୍କର, ଝିଅ ପୂର୍ଣ୍ଣବାସି, ବନବାସୀ, ସୁରୁବୁଢ଼ି, କର୍ପୁର, ବଡ ନାତି ସୋମନାଥଙ୍କ ସହ ପ୍ରାୟ ୨୦ ଜଣ ନାତି ନାତୁଣୀ ମୃତକାଙ୍କୁ ଫୁଲରେ ସୁସଜ୍ଜିତ କରିଥିଲେ। ଗାଁ ଶ୍ମଶାନରେ ବଡ ପୁଅ ଶମ୍ଭୁ ମୁଖାଗ୍ନି ଦେଇଥିଲେ।

## ଭତ୍ତା ବୃଦ୍ଧି ପାଇଁ ହିତାଧିକାରୀଙ୍କ ଦାବି

ହରଭଙ୍ଗା, ୨୮।୧୨ (ସମିସ): ହରଭଙ୍ଗା ବ୍ଲକ ସଂକୁଳେଇ ପଞ୍ଚାୟତ ରାଉତପଡ଼ାଠାରେ ଗୁରୁବାର ଦିନ ଜିଲ୍ଲା ଭତ୍ତାଧାରୀ ମହାସଙ୍ଘ ର ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ଙ୍ଗ ବିକାଶ ମହାକୁଳଙ୍କ ଅଧ୍ୟକ୍ଷତା ରେ ଅଞ୍ଚଳର ଅସହାୟ, ବୃଦ୍ଧ, ବୃଦ୍ଧା, ବିକଳାଙ୍ଗ, ବିଧବା ଆଦି ଭତ୍ତା ହିତାଧିକାରୀଙ୍କୁ ନେଇ ଏକ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନସମାବେଶ ରେ ବର୍ତମାନ ଭତ୍ତା ରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରିବା ପାଇଁ ଆଗାମୀ ଦିନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଭତା ହିତାଧିକାରୀ ସଙ୍ଘର ସଭାପତି ବିକାଶ ମହାକୁଳ ସୂଚନା ଦେଇଛନ୍ତି। ଏହି ଜନ ସମା>ବେଶ ରେ ବ୍ଲକର ସଂକୁଳେଇ, ହରଭଙ୍ଗା, କୁସଙ୍ଗ, ଛତ୍ରଙ୍ଗ, ଏବଂ ମହାଳିକପଡ଼ା ପଞ୍ଚାୟତ ଶତାଧିକ ଭତ୍ତା ହିତାଧିକାରୀ ଯୋଗ ଦେଇଥିଲେ।

## ଗୁଟ୍‌ଖା ଦୋକାନରେ ଚଢ଼ଉ

ଚାରିଛକ, ୨୮।୧୨(ସମିସ): ହରଭଙ୍ଗା ବ୍ଲକର ଦୁଇ ପ୍ରମୁଖ ବଜାର ଚାରିଛକ ଏବଂ ପୁରୁଣାକଟକରେ ବିଭିନ୍ନ ଗୁଟଖା ବିକ୍ରୟ ଦୋକାନଗୁଡିକରେ ଖାଦ୍ୟ ନିରାପତ୍ତା ଓ ସୁରକ୍ଷା ଅଧିକାରୀ, ଭେଷଜ ନିରୀକ୍ଷକ, ପୁଲିସ ଏବଂ ଅବକାରୀ ଅଧିକାରୀଙ୍କ ମିଳିତ ସହଯୋଗରେ ୧୭ଟି ଗୁଟଖା ଦୋକାନରେ ଚଢ଼ଉ କରି ୩୧ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଚଢ଼ଉରେ ଖାଦ୍ୟ ନିରାପତା ଓ ସୁରକ୍ଷା ଅଧିକାରୀ ଧରଣୀଧର ନାୟକ, ଭେଷଜ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନ, ଅବକାରୀ ଅଧିକାରୀ ସ୍ୱନ୍ଦନ ମହାନ୍ତି, ପୁଲିସ ତରଫରୁ ଆଇଆଇସି ପୁରୁଣାକଟକ ରଞ୍ଜିତ ମୁନି ଏବଂ ଜିଲ୍ଲା ପରାମର୍ଶଦାତା ଆଲୋକ ମିଶ୍ର ସାମିଲ ଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବିନିକା, ୨୮ ।୧୨(ସମିସ): ବିନିକା ବ୍ଲକ ଅନ୍ତର୍ଗତ ବାଉଁଶୁଣି ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଦୀର୍ଘ ୧୫ଦିନ ଧରି ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବନ ବିହାରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିନିକା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଅଶୋକ କୁମାର ନନ୍ଦ ମୁଖ୍ୟଅତିଥି, ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ ମୁଖ୍ୟ ବକ୍ତା, ବ୍ଲକ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସରକାରଙ୍କ ଏହି ଯୋଜନା ପ୍ରଣୟନ ଯୋଗୁଁ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ନିଜର ପ୍ରତିଭାକୁ ଦେଶରେ ବିକଶିତ କରିବାରେ ସଫଳ ହେବେ ବୋଲି କହିଥିଲେ। ସାମଗ୍ରିକ ବିକାଶ ସହିତ ତାଙ୍କ ପ୍ରତିଭାର ଦକ୍ଷତା ବୃଦ୍ଧି ପାଇଛି ବୋଲି କହିଥିଲେ। ଏହି ଅବସରରେ ନୂଆଁ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ଅନୁଷ୍ଠିତ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କଳାପ ଆଦି ବିଭାଗରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିବା ବେଳେ ବିଦ୍ୟାଳୟର ଅଧ୍ୟାପକ ଶାନ୍ତନୁ ସାହୁ ବିବରଣୀ ପଠନ, ଅଧ୍ୟାପକ ରାଜେଶ ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ, ଅଧ୍ୟାପକ ବିଶେଶ୍ୱର ଗୁରୁ ମଞ୍ଚ ପରିଚାଳନା ଓ ଅଧ୍ୟାପକ ଶିବଦତ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



# ଶ୍ରୀକ୍ଷେତ୍ରରୁ ପାତାଳୀ ଶ୍ରୀକ୍ଷେତ୍ରକୁ ଆସିଲା ନିମନ୍ତ୍ରଣ

**ସୋନପୁର, ୨୮।୧୨(ସମିସ)**

ଜାନୁଆରୀ ୧୭ ତାରିଖରେ ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ଏହି ଦିବ୍ୟ ସମାରୋହ ପାଇଁ ଶ୍ରୀକ୍ଷେତ୍ରରୁ ପାତାଳୀ ଶ୍ରୀକ୍ଷେତ୍ରକୁ ଆସିଲା ନିମନ୍ତ୍ରଣ ପତ୍ର। ପୁରୀରୁ ଆସିଥିବା ସେବାୟତମାନେ ଗୁରୁବାର ପୂର୍ବାହ୍ନରେ ପାତାଳୀ ଠାକୁରଙ୍କ ଶ୍ରୀଅଙ୍ଗରେ ନିମନ୍ତ୍ରଣ ପତ୍ର ଅର୍ପଣ କରିଛନ୍ତି। ପାତାଳୀ ଶ୍ରୀକ୍ଷେତ୍ରର ମୁଖ୍ୟ ପୂଜକ ଗୁଣାକର ପଣ୍ଡା ଏବଂ ପାତାଳୀ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଉପସ୍ଥିତିରେ ଲୋକାର୍ପଣ ଉତ୍ସବ ପାଇଁ ପାତାଳୀ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଛି। ଶ୍ରୀମନ୍ଦିରରୁ ଆସିଥିବା ସେବାୟତ ରାଜକିଶୋର ପଣ୍ଡା, ଲୋକନାଥ ଖୁଣ୍ଟିଆ ଏବଂ ଜଗବନ୍ଧୁ ମହାସୁଆର ଏହି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ତେବେ ଭଜନ କୀର୍ତ୍ତନ ସହ ପ୍ରତିନିଧି ଦଳର ସଦସ୍ୟ ମାନଙ୍କୁ କୋଟସମଲାଇ ଗାଁରେ ନଗର ପରିକ୍ରମା କରାଯାଇଥିଲା। ପାତାଳୀ ଶ୍ରୀକ୍ଷେତ୍ରର ମୁଖ୍ୟ ଦ୍ୱାରରେ ସମ୍ବର୍ଦ୍ଧନା ଜ୍ଞାପନ ସହ ବନ୍ଦାପନା କରି ସ୍ୱାଗତ କରାଯାଇ ଥିଲା।





## ହରିବୋଲ ହୁଳହୁଳିରେ ଉଚ୍ଛୁଳି ଉଠିଲା
## ଚାଲି ଗୁମ୍ଫା ଦର୍ଶନକଲେ ପ୍ରତିନିଧି ଦଳ

ହରିବୋଲ ହୁଳହୁଳିରେ ଉଚ୍ଛୁଳି ଉଠିଥିଲା ପାତାଳୀ ଶ୍ରୀକ୍ଷେତ୍ର। ତେବେ ଦେବ ନିମନ୍ତ୍ରଣ ପରେ ସେବାୟତ ମାନେ ଖାଲି ପାଦରେ ଛଳିଆ ପାହାଡ ଚଢି ପାତାଳୀ ଗୁମ୍ଫା ଦର୍ଶନ କରିଥିଲେ। ତେବେ ଲୀଳାମୟଙ୍କ ଲୀଳା ସ୍ଥାନ ଦର୍ଶନ ପରେ ଭାବ ବିହ୍ୱଳ ହୋଇ ଯାଇଥିଲେ ପ୍ରତିନିଧି ଦଳର ସଦସ୍ୟ ମାନେ। ଗୁମ୍ଫାରୁ ଫେରିଲା ପରେ ପାତାଳୀ ପୀଠରେ ସମସ୍ତେ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ। ଏହି ଦିବ୍ୟ ପରିବେଶ ଦେଖି ପ୍ରତିନିଧି ଦଳରେ ଆସିଥିବା ପୁରୀ ଡିଡବ୍ଲୁଓ ବିକାଶ କୁମାର ମହାନ୍ତି ଏବଂ ଜଗନ୍ନାଥ ପ୍ରେମୀ ମନୋଜ ମହାନ୍ତି ଅଭିଭୂତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପ ଜିଲ୍ଲାପାଳ ଲଲାଟେନ୍ଦୁ ସି, ଉଲୁଣ୍ଡା ବିଡିଓ କରିସ୍ମା ବେଶ୍ରା, ଉଲୁଣ୍ଡା ତହସିଲଦାର ଦିଲ୍ଲୀପ କୁମାର ମାଝୀ, ଡିଆଇପିଆର୍‌ଓ ଅଶ୍ୱିନୀ କୁମାର ଭୋଇ, ଡିସିଓ ଯମୁନା ପ୍ରଧାନ, ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ର ଏବଂ ଅଞ୍ଚଳର ହଜାର ହଜାର ଜନସାଧାରଣ ସାମିଲ ହୋଇଥିଲେ।

## ସେମାନଙ୍କ ମୁହଁରୁ...



ଆଜି ଏକ ସ୍ମରଣୀୟ ଦିବସ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପତ୍ରି ନେଇ ପୁରୀରୁ ପ୍ରତିନିଧି ଦଳ ଆସିଛନ୍ତି। ପାତାଳୀ ଠାକୁରଙ୍କୁ ଶ୍ରୀମନ୍ଦିରରୁ ଆସିଥିବା ସେବାୟତ ମାନେ ନିମନ୍ତ୍ରଣ ପତ୍ର ଅର୍ପଣ କରିଛନ୍ତି।

**ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପାତାଳୀ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତା**



ଶ୍ରୀକ୍ଷେତ୍ରରୁ ପାତାଳୀ ଶ୍ରୀକ୍ଷେତ୍ରକୁ ନିମନ୍ତ୍ରଣ ପତ୍ର ଆସିଛି। ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ପାତାଳୀ ଠାକୁରଙ୍କୁ ନିମନ୍ତ୍ରଣ କରିଛନ୍ତି। ଆମକୁ ଖୁବ୍ ଖୁସି ଲାଗୁଛି।

**ଗୁଣାକର ପଣ୍ଡା, ପୂଜକ, ପାତାଳୀ ଶ୍ରୀକ୍ଷେତ୍ର**



ଶ୍ରୀକ୍ଷେତ୍ରରୁ ଆସି ସୋନପୁର ବଡ ଜଗନ୍ନାଥଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ସୋନପୁରର ଜନ ସାଧାରଣଙ୍କ ଆମ ସମସ୍ତଙ୍କୁ ଖୁବ୍ ଆନନ୍ଦିତ ଲାଗୁଛି।

**ରାମଗୋପାଳ ପୂଜାରୀ, ମୁଖ୍ୟ ପୂଜକ, ବଡ଼ ଜଗନ୍ନାଥ ମନ୍ଦିର**



ସୋନପୁରରେ ଅନନ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇ ଆମେ ଖୁବ୍ ଆନନ୍ଦିତ। ଶ୍ରୀଜିଉଙ୍କ ସହ ସୋନପୁରର ସମ୍ପର୍କ ଖୁବ୍ ପୁରୁଣା। ଏଠାରେ ଶତାଧିକ ବର୍ଷ ପ୍ରଭୁ ପାତାଳି ହୋଇଥିଲେ। ଏହି ପବିତ୍ର ପୀଠର ଠାକୁରଙ୍କୁ ଆମେ ନିମନ୍ତ୍ରଣ କରିଥିବାରୁ ଆମେ ଧନ୍ୟ ମନେ କରୁଛୁ।

**ରାଜକିଶୋର ପଣ୍ଡା, ସେବାୟତ**



ସୁବର୍ଣ୍ଣପୁରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାରୋହ ପାଇଁ ସୋନପୁରକୁ ନିମନ୍ତ୍ରଣ ପତ୍ର ଆସିଛି। ଆମେ ସୁବର୍ଣ୍ଣପୁର ଜିଲ୍ଲାବାସୀ ଖୁବ୍ ଗର୍ବିତ।

**ଶ୍ରୀବତ୍ସ ମଲ୍ଲିକ, ସୋନପୁର ବାସିନ୍ଦା**

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ପଟୋରା ଓ ପାତାଳଗଙ୍ଗା ମନ୍ଦିରକୁ ମିଳିଲା ନିମନ୍ତ୍ରଣ ପତ୍ର



**ନୂଆପଡ଼ା/ବୋଡେନ, ୨୮।୧୨(ସମିସ) :** ଆସନ୍ତା ଜାନୁଆରୀ ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଥିବାବେଳେ ଆଜି ନୂଆପଡ଼ା ଜିଲ୍ଲାର ପଟୋରା ଓ ପାତାଳଗଙ୍ଗା ମନ୍ଦିର ପୁଝାରୀଙ୍କୁ ନିମତ୍ରଣ ପତ୍ର ଆସି ପହଞ୍ଚିଛି। ଏହାକୁ ପୁରୀ ଶ୍ରୀମନ୍ଦିରରୁ ତିନି ସେବାୟତ ଆଣି ଆନୁଷ୍ଠାନିକ ଭାବେ ମନ୍ଦିର ପୂଜକ ମାନଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ମୁଖ୍ୟ ସେବାୟତ ବିପିନ ପତ୍ରିଙ୍କ ସମେତ ରମାକାନ୍ତ ପତ୍ରି, ଜୟ କୃଷ୍ଣ ମହାପାତ୍ର, ସୂର୍ଯ୍ୟକାନ୍ତ ପତ୍ରି ପ୍ରମୁଖ ସାମିଲ ରହିଥିଲେ। ଗୁରୁବାର ପୂର୍ବାହ୍ନରେ ପ୍ରଥମେ ପଟୋରା ମନ୍ଦିର ପ୍ରାଙ୍ଗଣରେ ଏହି ତିନି ସେବାୟତଙ୍କୁ ମହିଳାମାନେ ଫୁଲ ମାଳ, ଚନ୍ଦନ ଦେଇ ସ୍ୱାଗତ ସମର୍ଦ୍ଧନା କରିଥିଲେ। ତାପରେ ସେବାୟତ ମାନେ ମନ୍ଦିର ପୂଜକଙ୍କ ସହ ମନ୍ଦିର ଭିତରକୁ ଯାଇ ଯୋଗେଶ୍ୱର ବାବାଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରୁ ଆସିଥିବା ନିମତ୍ରଣ ପତ୍ରକୁ ଯୋଗେଶ୍ୱର ମନ୍ଦିର ମୁଖ୍ୟ ପୁଝାରୀଙ୍କୁ ଦେଇ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଦିନ ପୁରୀ ଆଦି ଯୋଗଦାନ କରିବା ପାଇଁ କହିଥିଲେ। ଏଥିରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ, ନୂଆପଡ଼ା ବିଡ଼ିଓ, ଯୋଗେଶ୍ୱର ମନ୍ଦିର ସଦସ୍ୟ ଭାନୁ ଦଣ୍ଡସେନା, ଖୁଟବନ ଭେରା ସରପଞ୍ଚ ଚମନ ଲାଲ ପାଣ୍ଡେ, ପିଇଓ ଦୁଃଖିଶ୍ୟାମ ପ୍ରଧାନ, ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ଶତାଧିକ ମହିଳା ମାନେ ସହଯୋଗ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ। ଏହିଭଳି ସେବାୟତ ମାନେ ଦ୍ୱିତୀୟ ପର୍ଯ୍ୟାୟରେ ବୋଡ଼େନ ବ୍ଲକ ଅନ୍ତର୍ଗତ ପବିତ୍ର ତୀର୍ଥସ୍ଥଟନ ପାତାଳଗଙ୍ଗା ରାଧା କୃଷ୍ଣ ମନ୍ଦିର ଗସ୍ତ କରିଥିଲେ। ସେଠାରେ ମଧ ଭବ୍ୟ ସ୍ୱାଗତ କରାଯାଇଥିଲା। ପରିସର ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ନିମିତ୍ତ ନିମନ୍ତ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ସେବାୟତ ବିପିନ ପତି ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଆଲୋକ ଅଙ୍ଗୁଲିଆ, ସିକାନ୍ତ ପଟରି, ବୋଡ଼େନ ବିଡ଼ିଓ ପ୍ରିୟରଞ୍ଜନ କୁମ୍ଭାର, ତହସିଲଦାର ସରିତା ଗୁପ୍ତା, ମହାମୃତ୍ୟୁଞ୍ଜୟ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅତୁଲ ସୂପକାର, ପରିଚାଳକ ଭାଲୁ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ପୂଜକ ଅତୁଲ ସୁପକାରଙ୍କୁ ସେବାୟତ ମାନେ ନିମନ୍ତ୍ରଣ ପତ୍ର ଦେଇଥିଲେ। ପରେ ସେବାୟତମାନେ ପାତାଳ ଗଙ୍ଗା ରେ ଥିବା ସମସ୍ତ ମନ୍ଦିର ଯଥା ଗାୟତ୍ରୀ ମନ୍ଦିର, ମହାମୃତଞ୍ଜୟ ମନ୍ଦିର, ଜଗନ୍ନାଥ ମନ୍ଦିର, ରାଧା କୃଷ୍ଣ ମନ୍ଦିର ଦର୍ଶନ କରିଥିଲେ।

# କାର୍ଯ୍ୟରତ ଡାକ୍ତରଙ୍କୁ ଅଟକାଇ ଆକ୍ରମଣ

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ବଲାଙ୍ଗିର, ୨୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଯୁବ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁବାର ଅପରାହ୍ନ ସମୟରେ ଲାଲଟିକ୍ରା ରାସ୍ତାରେ ଡା. ବିଶ୍ୱରଂଜନ ସାହୁ ଆକ୍ରମଣର ଶିକାର



ହୋଇଛନ୍ତି। ନିଜ ଆଉଟ୍ ଡୋର୍ ଡ୍ୟୁଟି ସାରି ସାଥୀ ଡାକ୍ତରଙ୍କ ସହ ସେ ବାଇକ୍ ଯୋଗେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜକୁ ଫେରୁଥିବା ବେଳେ ପଛପଟୁ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଡାକ୍ତରଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ପରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଆନ୍ଦୋଳନ ଜାରି ରଖିଛନ୍ତି। ଦୋଷୀଙ୍କୁ ଧରି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ କେହି ଡ୍ୟୁଟି କରିବୁ ନାହିଁ ବୋଲି କହିଥିଲେ। ବଲାଙ୍ଗିର ଜିଲ୍ଲାପାଳ ଓ ଏସପି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲା ବେଳେ ସେମାନେ ଶେଷ ରିପୋର୍ଟ ସୁଦ୍ଧା ଜିଦ୍‌ରେ ଅଟଳ ରହିଛନ୍ତି। ଅପରପକ୍ଷେ, ଟାଉନ ପୁଲିସ ଆକ୍ରମଣକାରୀଙ୍କୁ ଖୋଜାଖୋଜି କରୁଥିବା ଜଣାପଡିଛି।

# ବରିଷ୍ଠ ରାଜନେତା ପୂର୍ଣ୍ଣ ପୂଝାରୀଙ୍କ ପରଲୋକ

**ସୋନପୁର, ୨୮।୧୨ (ସମିସ):** ସ୍ୱର୍ଗତ ବିଧାୟକ କୁନ୍ଦୁରୁ କୁଶଳଙ୍କ ସହଯୋଗୀ ସୁବର୍ଣ୍ଣପୁର ବିଜୁ ଜନତା ଦଳର ବରିଷ୍ଠ ତଥା ଅଭିଜ୍ଞ ରାଜନେତା ପୂର୍ଣ୍ଣଚନ୍ଦ୍ର ପୂଝାରୀଙ୍କ ୭୫ ବର୍ଷ ବୟସରେ ବୁଧବାର ରାତିରେ ବୁର୍ଲା



ମେଡ଼ିକାଲରେ ପରଲୋକ ଘଟିଛି। ଦୀର୍ଘ ବର୍ଷରୁ ସେ ମଧୁମେହ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ଗୁରୁବାର ସକାଳେ ଘୋଡାଘାଟପଡ଼ା ବାସ ଭବନରେ ତାଙ୍କ ମର ଶରୀର ପହଞ୍ଚିବା ପରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ କୁଶଳ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ପୀୟୂଷ ପଣ୍ଡା, ଟାଉନ୍ ସଭାପତି ଜନ୍ମେଜୟ ପାତ୍ର, ଛାତ୍ର ନେତା ଶାଶ୍ୱତ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ଆନନ୍ଦ ପାତ୍ର, ଲଡୁ କିଶୋର ମଲ୍ଲିକ, ଗୁପ୍ତ ପ୍ରକାଶ ମିଶ୍ର, ଅଶୋକ ନାୟକ ପ୍ରମୁଖ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଗୋକୋନେଶ୍ୱର ଶ୍ମଶାନ ଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ମୁରିବାହାଲ ଷ୍ଟେସନରେ ପୁରୀ-ଦୁର୍ଗ ଓ ଲିଙ୍କ୍ ଏକ୍ସପ୍ରେସ୍ ରହଣି ଦାବି

**ମୁରିବାହାଲ, ୨୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଳ ଷ୍ଟେସନରେ ମହାମାରୀ କୋଭିଡ ପରେ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଥିବା ଦୁଇ ଏକ୍ସପ୍ରେସ ଟ୍ରେନ ପୁରୀ-ଦୁର୍ଗ (୧୮୫୧୭-୧୮୫୧୮) ଓ କୋର୍ବା-ବିଶାଖାପାଟଣା ଲିଙ୍କ ଏକ୍ସପ୍ରେସ (୧୮୪୨୫-୧୮୪୨୬)ର ପୁଣିଥରେ ରହଣି ଦାବି କରାଯାଇଛି। ମୁରିବାହାଲ ରେଳ ଅଧିକାର ମଞ୍ଚ ପକ୍ଷରୁ ପୁଣି ଏକ ଦାବିପତ୍ର ସମ୍ବଲପୁର ଡିଆରଏମଙ୍କୁ ରେଳ ଷ୍ଟେସନ ମ୍ୟାନେଜର ରଞ୍ଜନ ଜେନାଙ୍କ ଜରିଆରେ ପ୍ରଦାନ କରାଯାଇଛି। ୧୯୩୦ରେ ସ୍ଥାପିତ ଏହି ଷ୍ଟେସନ ଉପରେ ମୁରିବାହାଲ ସମେତ ପଡୋଶୀ ବଙ୍ଗୋମୁଣ୍ଡା ଓ ତୁରେକେଲା ବ୍ଲକ ଅଞ୍ଚଳର ଯାତ୍ରୀ ନିର୍ଭର କରିଥାନ୍ତି। ଏହି ଦୁଇ ଏକ୍ସପ୍ରେସ ଟ୍ରେନ ସ୍ୱତନ୍ତ୍ର ଟ୍ରେନ ରୂପେ ମୁରିବାହାଲ ଷ୍ଟେସନ ଦେଇ ଚଳାଚଳ କରୁଥିଲେ ମଧ୍ୟ କୋଭିଡ କଟକଣା ପାଇଁ ମୁରିବାହାଲ ଷ୍ଟେସନ ସମେତ କେତେକ ଷ୍ଟେସନରେ ରହଣି ବନ୍ଦ କରିଦିଆଯାଇଛି। ଷ୍ଟେସନ ଆଖପାଖ ଅଞ୍ଚଳରେ ଛୋଟ ଛୋଟ ଚା, ପାନ, ତଥା ହୋଟେଲ ଆଦି କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଛୋଟ ବ୍ୟବସାୟୀମାନେ ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ଏହି ଟ୍ରେନ ଚଢିବା ପାଇଁ ଖର୍ଚ୍ଚାନ୍ତ ହୋଇ ଟିଟିଲାଗଡ଼ କିମ୍ବା କଣ୍ଟାବାଞ୍ଜି ୨୫କିମି ଲେଖାଏ ଯିବାକୁ ପଡୁଛି। କେବଳ ପାସେଞ୍ଜର ଛଡା ଅନ୍ୟ ସମସ୍ତ ଏକ୍ସପ୍ରେସ ଟ୍ରେନ ବନ୍ଦ ରହିଥିବାରୁ ଯାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାପୂର୍ବରୁ ମଧ୍ୟ ବହୁବାର ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ରେଳ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ଏହି ଦାବିପତ୍ରର ଏକକିତା ବଲାଙ୍ଗିର ଲୋକସଭା ସାଂସଦ, କେନ୍ଦ୍ର ରେଳମନ୍ତ୍ରୀ ଓ ବଲାଙ୍ଗିର ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ଦୁଇ ଏକ୍ସପ୍ରେସ ଟ୍ରେନର ମୁରିବାହାଲରେ ରହଣି କରା ନଗଲେ ବାଧ ହୋଇ ମୁରିବାହାଲ ରେଳ ଅଧିକାର ମଞ୍ଚ ଓ ସାଧାରଣ ଯାତ୍ରୀମାନଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳପାଇଁ ରେଲରୋକ କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ମୁରିବାହାଲ ରେଳ ଅଧିକାର ମଞ୍ଚ କାର୍ଯ୍ୟକାରୀ ସଭାପତି ତଥା ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ମଞ୍ଚ ଉପସଭାପତି ଗଙ୍ଗାଧର ହେର୍ଣା, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, ଭରତ ଦାସ, ସମ୍ପାଦକ ପଦ୍ମଲୋଚନ ବାଗ, ପ୍ରଦୀପ ବଘାର, ନେପାଳ ସାହୁ, ସୁଜିତ ପାଢ଼ୀ, ନାରାୟଣ ସାହୁ, ଅନୀଲ ଶର୍ମା, ମନୋଜ ନାଗ, ଲିଲାଧର ଶର୍ମା, ଦୁର୍ଯୋଧନ ନାଗ, ସୁଧୀର ପାଣି, କିଶୋର ବିଶି, ଦୀପକ ହାତୀ, ରାଜୀବ କୁଅଁର, ଭୀଷ୍ମରାଜ ମେହେର ଉପସ୍ଥିତ ଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୨୮।୧୨(ସମିସ):** କଣ୍ଟାବାଞ୍ଜିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂତନ ଉନ୍ନତ ଅଭିଳାଷ ଓଡ଼ିଶା ବା ନୂଆ-ଓ କାର୍ଯକ୍ରମ ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧକ୍ଷତାରେ ଉଦଯାପିତ ହୋଇଯାଇଛି। ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ତଥା ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥି, ପରିଚାଳନା କମିଟି ସଭାପତି ବୃନ୍ଦାବନ ନାଗ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନୋଡାଲ ଅଫିସର୍ ଯୁଧିଷ୍ଠିର ବେହେରା ଓ ଯୁକ୍ତ ଦୁଇ ବାଣିଜ୍ୟ ଅଧ୍ୟାପକ ରମେଶଚନ୍ଦ୍ର




ପୂଜାହାରି ମଞ୍ଚାସୀନ ଥିଲେ। ନଭେମ୍ବର ୨୮ ତାରିଖରୁ ଏହି ଯୁବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ସାମାଜିକ, କ୍ରୀଡା ଓ ସାଂସ୍କୃତିକ କାର୍ଯକ୍ରମଗୁଡ଼ିକ ନିଆଯାଇଥିଲା। ପ୍ରାୟ ୪୨ଟି କାର୍ଯ୍ୟକ୍ରମରେ ଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିଲେ। ଅଧ୍ୟାପକ ସୋମନାଥ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଜିତେନ୍ଦ୍ର ସୁନା ପୁରସ୍କାର ବିତରଣ କାର୍ଯକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବ୍ୟକ୍ତିବିଶେଷ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରାଜୀବ ମେହେର, ଡକ୍ଟର ନେପାଲ ସେଠୀ, ଅଧ୍ୟାପିକା ସୁନନ୍ଦା ରଥ, ନିରବତୀ ପ୍ରଧାନ, ରଶ୍ମି ରମିତା ମେହେର, ରଞ୍ଜୁ ବଞ୍ଜୋର୍, ଗୀତା କୁମ୍ଭାର ସହଯୋଗ କରିଥିଲେ। ଅଧ୍ୟାପିକା ଲିପନୀତ ପଧାନ ଧନ୍ୟବାଦ ଦେଇଥିଲେ।

# ବିଲାସିନୀ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା

**ବଲାଙ୍ଗିର, ୨୮।୧୨(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବିଡିଘାଟ ପଞ୍ଚାୟତର ଚାଣ୍ଟିମୁଣ୍ଡା ଗ୍ରାମରେ ଦ୍ୱିଦିବସୀୟ ବିଲାସିନୀ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗ୍ରାମାଞ୍ଚଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି ପ୍ରତିଯୋଗିତା ପ୍ରତିବର୍ଷ ସ୍ଥାନୀୟ ଦେବାଶିଷ ପାଣ୍ଡିଆ ଆୟୋଜନ କରନ୍ତି। ଗାଁର ବରିଷ୍ଠ ସନାତନ ନାଥ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଯୁବପିଢିଙ୍କୁ ନେଇ କିଭଳି ଭାବରେ ନିଜସ୍ୱ ପରିଚୟ ସୃଷ୍ଟି କରିବେ ସେ ଦିଗରେ ବିଶେଷ ଆକର୍ଷଣ କରିଛନ୍ତି ଆୟୋଜକ ଦେବାଶିଷ ପାଣ୍ଡିଆ। ପ୍ରତିଯୋଗିତାକୁ ଉମାପତି ନାଥ, ରଘୁପତି ନାଥ, ଶିବାଶିଷ ପୁରୋହିତ, ପ୍ରମାଶିଷ ପାଣ୍ଡିଆ ସହଯୋଗ କରିବା ବେଳେ ଖେଳ ପରିଚାଳନା ବିଶ୍ୱଜିତ ନାଥ କରିଥିଲେ। ପ୍ରଥମ ଦିନର ଚାଣ୍ଟିମୁଣ୍ଡା ଏବଂ ଦୁଆନପାଲି ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା।

# ଟୁଁପାଉଡ଼ାର ପଞ୍ଚାୟତରେ ଗ୍ରାମ୍ୟ ପୁଷ୍ଟିମେଳା ପ୍ରଦର୍ଶନୀ

**ମୁରିବାହାଲ, ୨୮।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଟୁଁପାଉଡ଼ାର ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମ୍ୟ ପୁଷ୍ଟିକର ଖାଦ୍ୟମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଟ୍ରିକଲ୍ ଅପ୍ ଅନୁଷ୍ଠାନ ପ୍ରାୟୋଜିତ ଓ ନିଧି ଅନୁଷ୍ଠାନର ପ୍ରଚେଷ୍ଟାରେ ୬ଟି ଗ୍ରାମର ୮୦ ଜଣ ପ୍ରକଳ୍ପ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅନ୍ତର୍ଯ୍ୟାମୀ ବାଗ, ଗ୍ରାମସାଥୀ ବସନ୍ତ ବାଗ, ୫ଟି ଗ୍ରାମର ସିଆରପି ଦିଦି, ୱାର୍ଡସଭ୍ୟ ଜଳ ଲୁହା, ଅଙ୍ଗନବାଡି କର୍ମୀ ବିମ୍ବାଧାରୀ ମହାନନ୍ଦ ଓ ଆଶାକର୍ମୀ ସାନ୍ତରା ଦୀପ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ନିଧି ଅନୁଷ୍ଠାନର ବ୍ଲକ ସଂଯୋଜକ ନବକୁମାର ବିଶିଙ୍କ ସମେତ ମହେନ୍ଦ୍ର ରଣା, ସ୍ୱାଗତିକା ଦାସ, ହସମୁଖ ଶିକା, ବିକ୍ରମାଦିତ୍ୟ ରଣା, ବବି ତାଣ୍ଡି, ଯମୁନା ସାହୁ, ୪ ଜଣ କର୍ମକର୍ତ୍ତା ଏହି ମେଳାର ପରିଚାଳନା କରିଥିଲେ। ମେଳାରେ ଉତ୍କୃଷ୍ଟ ୮ଟି ଗ୍ରାମ ପୁଷ୍ଟିକାରକ ୩୧୦ ଧରଣର ଖାଦ୍ୟ ପ୍ରସ୍ତୁତ ହୋଇ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ମାଳିଶିରା ଗ୍ରାମ ଶେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଆଗ୍ରହରେ ମେଳା ବୁଲି ଦେଖିଥିଲେ ଓ ଆନନ୍ଦ ପ୍ରକାଶ କରିଥିଲେ।

# ମୁରିବାହାଲ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ




**ମୁରିବାହାଲ, ୨୮।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବିରାଟ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି। ପଞ୍ଚମ ବର୍ଷ ପାଇଁ ଅନୁଷ୍ଠିତ ହୋଇଥିବା ଏହି ଧନୁଯାତ୍ରା ମହୋତ୍ସବରେ ଏହି ବର୍ଷ କମିଟି ସଭାପତି ଶ୍ରୀବତ୍ସ ବେହେରା ସଭାପତିତ୍ୱ କରିଥିଲେ। ସମାରୋହରେ ମୁଖ୍ୟଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ସମ୍ମାନିତ ଅତିଥି ଭାବରେ କଣ୍ଟାବାଞ୍ଜି ଏସଡ଼ିପିଓ ଗୌରାଙ୍ଗ ସାହୁ, ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳ, ମୁରିବାହାଲ ବନଖଣ୍ଡ ଅଧିକାରୀ ନୀଳାଦ୍ରି ଭୋଇ, ମୁରିବାହାଲ ବିଇଓ ଶାନ୍ତନୁ ପଢିଆରି, ଯୁକ୍ତ ଦୁଇ ପ୍ରିନସିପାଲ ରମେଶ ମହାନନ୍ଦ ଯୋଗ ଦେଇଥିଲେ। ବିଶିଷ୍ଟ କଳାକାର ଯୁଗଳ କିଶୋର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଏକ ମଶାଲ ଯାତ୍ରା ରାଧାକୃଷ୍ଣ ମନ୍ଦିରରୁ ଆରମ୍ଭ ହୋଇ ସ୍ୱାମୀ ବିବେକାନନ୍ଦ ଛକ ଦେଇ ହେଇ ମୁରିବାହାଲ ବଜାର ଅରିକ୍ରମ କରି ଧନୁଯାତ୍ରା ପଡିଆକୁ ପହଞ୍ଚିଥିଲା ଧନୁଯାତ୍ରା କମିଟିର ତରୁଣ ପୋଢ଼ ଓ ଚିନ୍ତାମଣି ମହାରଣା ମଶାଲ ପୂଜନରେ ଉପସ୍ଥିତ ଥିଲେ। ମଞ୍ଚ ପୂଜନରେ କର୍ତା ଭାବରେ ଚିନ୍ତାମଣି ମହାରଣା ଓ ପୂଜକ କାଶୀନାଥ ଦାସ ଉପସ୍ଥିତ ଥିଲେ। ଉପସଭାପତି ଲକ୍ଷ୍ମୀକାନ୍ତ ଧାରୁଆ, ଶ୍ୟାମସୁନ୍ଦର ଝଙ୍କର, କୋଷାଦକ୍ଷ ପଦ୍ମଲୋଚନ ସାହୁ, ସମ୍ପାଦକ ତରୁଣ ପୋଢ଼, ସଂଯୋଜକ ସୁଧାଂଶୁ ଶେଖର ପୋଢ଼, କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଦିନରେ ଗୋପପୁର ବାନ୍ଧବହାଲ ଓ ମୁରିବାହାଲରେ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିନାବଜାର ଓ ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଯୋଗୁଁ ପ୍ରବଳ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଜିଲ୍ଲା କଂଗ୍ରେସ କମିଟିର ପ୍ରତିଷ୍ଠା ଦିବସ ପାଳନ

**ବଲାଙ୍ଗିର, ୨୮।୧୨(ସମିସ):** କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସେବା ଓ ବଳିଦାନର ୧୩୮ତମ ବର୍ଷ ଏବଂ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦାର ବଲ୍ଲଭଭାଇ ପଟେଲ, ଲାଲ ବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦେଶ ପାଇଁ ସେମାନଙ୍କର ତ୍ୟାଗ ଓ ବଳିଦାନର ଗାଥା ସ୍ମରଣ କରାଯାଇଥିଲା। ଦଳ ପାଇଁ ସମର୍ପିତ ପ୍ରତ୍ୟେକ କର୍ମୀଙ୍କୁ ଦଳ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସଭାରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, କୋଷାଧକ୍ଷ ଜୁଲୁ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ ଓ କୈଳାସ ମିଶ୍ର, ନାସିର ଖାନ, ନୀତିଶ ପଧାନ, ସଞ୍ଜୟ ମିଶ୍ର, ସମୀର କୁମ୍ଭାର, ରଜାକ୍ ଖାନ, କିଶୋର ଦଣ୍ଡସେନା, ଅନ୍ତ ମଛଖଣ୍ଡ ଉପସ୍ଥିତ ଥିଲେ।



# ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ମିଳୁନି ସୁଯୋଗ

**ବଲାଙ୍ଗିର, ୨୮।୧୨(ସମିସ)**

ରାଜ୍ୟ ତଥା ଦେଶରେ ବଲାଙ୍ଗିର ଜିଲ୍ଲାର ଅଶୀଚାଳନା ଖେଳଳିଙ୍କ ନାଁ ରହିଛି। ଜାତୀୟସ୍ତରରେ ପଦକ ହାସଲ କରି ଓଡ଼ିଶା ଓ ବଲାଙ୍ଗିର ମାଟିର ନାଁକୁ ଗୌରବାନ୍ୱିତ କରିଛନ୍ତି; କିନ୍ତୁ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଆର୍ଥିକ ଅକ୍ଷମତା କାରଣରୁ ଗତ ଦୁଇବର୍ଷ ହେଲା ଖେଳିବାକୁ ସୁଯୋଗ ପାଉନାହାନ୍ତି। ଫଳରେ ଫେନ୍ସିଂ ଖେଳାଳିଙ୍କ ଭବିଷ୍ୟତ ସଙ୍କଟରେ ରହିଥିବା କୁହାଯାଉଛି।

ସୂଚନା ଅନୁସାରେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା ଦିନଠାରୁ କ୍ରୀଡା ପାଇଁ ଆର୍ଥିକ ଅନୁଦାନ ସଂଗ୍ରହ ଭଲ ଭାବରେ ହୋଇନାହିଁ। ଫଳରେ ରାଜ୍ୟ ତଥା ଜାତୀୟସ୍ତରରେ ହେଉଥିବା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଖେଳାଳିମାନେ ସୁଯୋଗ ପାଉନାହାନ୍ତି। ସମାନ ଘଟଣା ଫେନ୍ସିଂ ବା ଅଶୀଚାଳନା ଖେଳାଳୀଙ୍କ କ୍ଷେତ୍ରରେ ହୋଇଛି। ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ

## ଫେନ୍‌ସିଂ ଓ ଅସିଚାଳନା ଅବହେଳିତ
## ବାଧକ ସାଜିଛି ଆର୍ଥିକ ଅନୁଦାନ

ପ୍ରତିଯୋଗିତାରେ ପଞ୍ଜୀକରଣ କରିବା ପାଇଁ ୬୦ ହଜାର ଓ ଅଂଶଗ୍ରହଣ କରିବା ପାଇଁ ୧୮ ହଜାର ଫି' ଦେବାକୁ ପଡେ। ସେହିଭଳି ଖେଳାଳିଙ୍କ ଯିବା ଆସିବା ରହିବା ଖର୍ଚ୍ଚକୁ ନେଇ ମୋଟ ୯୦ ହଜାରରୁ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅନୁଦାନ ଏତେ ନଥିବାରୁ ଚଳିତବର୍ଷ ମଧ୍ୟ ଫେନ୍ସିଂ ଖେଳାଳିଙ୍କୁ ପଠାଯାଇପାରିବ ନାହିଁ।

ପ୍ରକାଶ ଥାଉକି, ଅଶୀ ଚାଳନା ଖେଳରେ ବଲାଙ୍ଗିର ଜିଲ୍ଲାର ଖେଳାଳିଙ୍କ ର୍‌ୟାଙ୍କ ଭଲ ରହିଛି। ଶ୍ରେଷ୍ଠ ୮ ର୍‌ୟାଙ୍କରେ ରହିଲା ପରେ ସେମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟିରେ ଭାଗନେବେ ବୋଲି ଆଶା କରିଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଚଳିତବର୍ଷ ମଧ୍ୟ ଏହି ପ୍ରତିଯୋଗୀତିରେ ଭାଗ ନେଉ ନଥିବାରୁ ସେମାନଙ୍କ ଆଶା ମଉଳି ଯାଇଥିବା କହିଛନ୍ତି ବଲାଙ୍ଗିର ଜିଲ୍ଲା ଫେନ୍ସିଂ ଏସୋସିଏସନର ସାଧାରଣ ସମ୍ପାଦକ ତଥା ଖେଲୋ ଇଣ୍ଡିଆ ଜୋନ କମିଟି ମେମ୍ବର ସୁମିତ ରଞ୍ଜନ ପୁରୋହିତ। ଏ ସଂକ୍ରାନ୍ତରେ ସେ ଗତ ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ବିଶ୍ୱବିଦ୍ୟାଳୟରୁ କୁଳସଚିବଙ୍କୁ ଏକ ଲିଖିତ ଆବେଦନପତ୍ର ଦେଇଥିଲେ। ତଥାପି ସେମାନେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ସେ କହିଛନ୍ତି। ବିଶ୍ୱବିଦ୍ୟାଳୟର କ୍ରୀଡା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱଜିତ ବେହେରାଙ୍କୁ ପଚାରିବାରୁ ଫେନ୍ସିଂ ଭଳି ବ୍ୟୟବହୁଳ ଖେଳ ପାଇଁ ଆମ ପାଖରେ ବର୍ତ୍ତମାନ ଅନୁଦାନ ନାହିଁ ବୋଲି କହିଛନ୍ତି। ଏହି କାରଣରୁ ଖେଳାଳିଙ୍କ ଭବିଷ୍ୟତ ବର୍ତ୍ତମାନ ସଙ୍କଟରେ ରହିଛି। ଯଥାଶିଘ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଫେନ୍ସିଂ ସଂଘ ଦାବି କରିଛି।

